ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 40 | 2 - 8 October 2022 | Sambalpur | Page- 8 | Invitation Price Rs.10

# ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଓକିଲ ମାନଙ୍କ ଭୁବନେଶ୍ୱରରେ ଧାରଣା







ଭୁବନେଶ୍ୱର : ସମ୍ବଲପୁରରେ ହାଇକୋର୍ଟରେ ବେଞ୍ଚ ସ୍ଥାପନ ଦାବିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ହଜାର ହଜାର ଓକିଲ ବିଧାନସଭା ଆଡ଼କୁ ଯିବାକୁ ଉଦ୍ୟମ କଲା ବେଳେ ଗାନ୍ଧି ମାର୍ଗରେ ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିବାକୁ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା । ପରେ ଓକିଲମାନଙ୍କ ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ତିନିଜଣ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ତିନି ମନ୍ତ୍ରୀଙ୍କ ସହ ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅର୍ଥ ଓ ଆଇନ ସଚିବଙ୍କ ଦୀର୍ଘ ସମୟ ଆଲୋଚନା ହୋଇଥିଲା । କମିଟି ଦେଇଥିବା ଦାବିକୁ ସେମାନେ ଗ୍ରହଣ କରିଥିଲେ । ଦାବି ଗୁଡିକ ମୁଖ୍ୟମନ୍ତ୍ରୀଙ୍କୁ ଯଥାଶୀଘ୍ର ଜଣାଇଦେବା ପାଇଁ ନିବେଦନ କରିଥିଲେ । ୩ ମନ୍ତ୍ରୀ ଏବଂ ଉନ୍ନୟନ କମିଶନର ଆଲୋଚନାର ବିଷୟବସ୍ତୁକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଉପସ୍ଥାପିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଉଲ୍ଲେଖ ଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ ଦାବି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଓକିଲ ମାନଙ୍କ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ବାରମ୍ବାର ସମୟ ମାଗିଥିଲେ ମଧ ମୁଖ୍ୟମନ୍ତ୍ରୀ ତାହା ଦେଇ ନ ଥିଲେ । ତେଣୁ ଓକିଲ ମାନେ ଭୁବନେଶ୍ୱର ଯାଇ ତାଙ୍କୁ ସାକ୍ଷାତ୍ କରିବାକୁ ଏବଂ ଆବଶ୍ୟକ ପଡିଲେ ଧସେଇ ହୋଇ ଲୋକସେବା ଭବନକୁ ପଶିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ମୁଖ୍ୟମନ୍ତ୍ରୀ ଉକ୍ତ ଦିନ ବାଙ୍ଗାଲୁରୁ ଗସ୍ତରେ ଥିବାରୁ ଓକିଲମାନେ ତାଙ୍କୁ ସାକ୍ଷାତ କରି ପାରି ନ ଥିଲେ ।

ଏହି ଆନ୍ଦୋଳନରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ନାଉରୀ ନାୟକ ଓ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ନିଖିଳ ଓଡିଶା ଆଇନଜୀବୀ ସଂଘର ସଭାପତି ଜ୍ଞାନ ମହାନ୍ତି, କ୍ରିୟାନୁଷ୍ଠାନ କମିଟିର ସଭାପତି ଅଶୋକ ଦାଶ, ସାଧାରଣ ସମ୍ପାଦକ ବିଜେନ୍ଦ୍ର ପ୍ରଧାନ, ଯୁଗ୍ମ ଆବାହକ ପ୍ରମୋଦ କୁମାର ଦାଶ, ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ଦାଶଙ୍କ ସହ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ ।





ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି)ର ଆହ୍ୱାନକ୍ରମେ ସେହିଦିନ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସକାଳୁ ପିକେଟିଂ କରିବା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଇଥିଲେ । ସେପଟେ, ଆଇନ୍‌ଜୀବୀମାନେ ନେଲସନମାଣ୍ଡେଲା ଛକ ନିକଟରେ ରାସ୍ତାରୋକ କରିଥିଲେ । ଫଳରେ ସହରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା ।

ଏହି ବିରୋଧ ପ୍ରଦର୍ଶନ ଯୋଗୁଁ କୋର୍ଟକୁ ବିଚାରପତିମାନେ ପଶିବା ସମ୍ଭବ ହୋଇ ନ ଥିଲା । କଚେରୀ ଛକରେ ଧାରଣା ଓ ପ୍ରତିବାଦ ସଭା ଯୋଗୁ ଜିଲ୍ଲା ଜଜ୍‌ଙ୍କ ସମେତ ଅନ୍ୟ ବିଚାରପତିମାନେ ଅଟକି ରହିଥିଲେ । କଚେରୀ ଛକରେ ପ୍ରତିବାଦ ଚାଲିଥିବା ବେଳେ ଆନ୍ଦୋଳନକାରୀମାନେ ଜିଲ୍ଲାର ବିଚାରପତିଙ୍କୁ କୋର୍ଟ ପରିସରକୁ ପ୍ରବେଶ କରିବାକୁ ଦେଇ ନ ଥିଲେ । ବିଚାରପତିମାନେ ଆନ୍ଦୋଳନକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିବା ବେଳେ ୩ ଜଣ ମହିଳା ରାସ୍ତା ଉପରେ ଗଡ଼ି ଯିବା ସହ ବିଚାରପତିମାନଙ୍କ ଗୋଡ଼ ତଳେ ପଡ଼ି ସେମାନଙ୍କୁ ଫେରିଯିବାକୁ ଅନୁରୋଧ କରିଥିଲେ । 'ହାଇକୋର୍ଟ ବେଞ୍ଚ ଆମର ପୁରୁଣା ଦାବି କିନ୍ତୁ ଆମେ ଆଇନ୍ ହାତକୁ ନେବାକୁ ଚାହୁଁନୁ' ବୋଲି ଉକ୍ତ ପ୍ରତିବାଦକାରୀ କହିଥିଲେ । ଦୀର୍ଘ ଘଣ୍ଟାଏ କାଳ ପ୍ରତିବାଦକାରୀଙ୍କ ସହ ଆଲୋଚନା ବିଫଳ ହେବା ପରେ ବିଚାରପତିମାନେ ଫେରି ଯାଇଥିଲେ । ଫଳରେ ଦିନତମାମ୍ କୋର୍ଟ କାର୍ଯ୍ୟ ବ୍ୟହତ ହୋଇଥିଲା ।

ସେପଟେ, ପୂର୍ବ ନିଷ୍ପତ୍ତି ଅନୁସାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଡାକରାରେ ଜିଲ୍ଲା ଓକିଲ ସଂଘ ପ୍ରତିବାଦ ଦିବସ ପାଳନ କରିଥିଲା । ଯାହାକୁ ସମ୍ବଲପୁରବାସୀ ଓ ବରିଷ୍ଠ ନାଗରିକମାନେ ସମର୍ଥନ ଜଣାଇଥିଲେ । ସକାଳୁ ପିକେଟିଂ କରାଯାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟଗୁଡ଼ିକ ବନ୍ଦ କରାଯାଇଥିଲା । ତେବେ କିଛି କାର୍ଯ୍ୟାଳୟ ସ୍ୱତଃପ୍ରବୃତ୍ତ ଭାବେ ଆନ୍ଦୋଳନକୁ ସମର୍ଥନ କରି ବନ୍ଦ କରିଥିଲେ । ଏହି ଆନ୍ଦୋଳନରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ଶଶୀଭୂଷଣ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇ ଧାରଣାରେ ଅଂଶ ଗ୍ରହଣ କରିଥିଲେ ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କେଉଁ ଦଶନ୍ଧିର ହୋଇଥିବା ବେଳେ ଏହି ନ୍ୟାର୍ଯ୍ୟ ଦାବିକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା କରି ଆସୁଥିବା ଅଭିଯୋଗ ହୋଇଥିଲା । ୨୦୧୩ ମସିହାରେ ରାଜ୍ୟ ସରକାର ଦେଇଥିବା ସୁପାରିଶ୍‌କୁ କେନ୍ଦ୍ର ସରକାର ଗ୍ରହଣ କରିବା ସହ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାଜ୍ୟ ସରକାର ଅଦ୍ୟାବଧି ଏହି ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଯେଉଁ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ତାହା ମଧ ନିଷ୍କ୍ରିୟ ହୋଇପଡ଼ିଥିବା ଅଭିଯୋଗ ହୋଇଥିଲା । ହାଇକୋର୍ଟ ବେଞ୍ଚ ଆମର ହକ୍ ହୋଇଥିବାରୁ ସରକାର ଏହି ଦାବି ମାନିବାକୁ ହେବ ବୋଲି ପ୍ରତିବାଦ କାରୀମାନେ କହିଥିଲେ ।

## ୟୁନେସ୍କୋ ଐତିହ୍ୟ ବସ୍ତ୍ର ତାଲିକାରେ 'ସମ୍ବଲପୁରୀ ବାନ୍ଧକଳା'

ସମ୍ବଲପୁର : ୟୁନେସ୍କୋ ପକ୍ଷରୁ ସମ୍ବଲପୁରୀ ବାନ୍ଧକଳାକୁ ଐତିହ୍ୟ ବସ୍ତ୍ର ମାନ୍ୟତା ପ୍ରଦାନ କରାଯାଇଛି । ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ଅନୁଷ୍ଠାନ 'ୟୁନେସ୍କୋ' ପକ୍ଷରୁ ଦେଶର ୫୦ଟି ସ୍ୱତନ୍ତ୍ର ଓ ଐତିହ୍ୟ ସମ୍ପନ୍ନ ବୟନ ଶିଳ୍ପର ତାଲିକା ପ୍ରକାଶ କରାଯାଇ ଏହାକୁ 'ଆଇକନିକ ହେରିଟେଜ୍ ଟେକ୍ସଟାଇଲ କ୍ରାଫ୍ଟ' ଆଖ୍ୟା ଦିଆଯାଇଛି । ସମ୍ବଲପୁରୀ ବସ୍ତ୍ର ସହିତ ତାମିଲନାଡୁର ତୋଡା ଏମ୍ବ୍ରୟଡରୀ (ହାତବୁଣା) ଓ ସୁନଗାଡ଼ି, ହାଇଦରାବାଦର ହିମରୋ ଏହି ତାଲିକାର ଶୀର୍ଷରେ ରହିଛି । ଏକବିଂଶ ଶତାବ୍ଦୀରେ ପାରମ୍ପରିକ ଭାରତୀୟ ବସ୍ତ୍ରର ଇତିହାସ, ଜଟିଳ ପ୍ରସ୍ତୁତି ପ୍ରକ୍ରିୟା, ଲୋକ ପ୍ରିୟତାର କାରଣ ଓ ସଂରକ୍ଷଣ ପ୍ରକ୍ରିୟା ବିଷୟରେ ଏଥିରେ ଉଲ୍ଲେଖ କରାଯାଇଛି । ୟୁନେସ୍କୋ ପକ୍ଷରୁ ପ୍ରକାଶିତ ଆଲେଖ୍ୟରେ ଦକ୍ଷିଣ ଏସିଆର ଅଜ୍ଞାତ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଓ ନଥୀକରଣ କ୍ଷେତ୍ରରେ ରହିଥିବା ଆହ୍ୱାନକୁ ଦୂର କରିବା ପାଇଁ ପ୍ରୟାସ କରାଯାଇଛି । ଏହି ତାଲିକାରେ ଉତ୍ତର ଭାରତର ହସ୍ତକଳା ପାନିପଥ୍‌ର ଖେସ, ହିମାଚଳ ପ୍ରଦେଶର ଚାମ୍ ରୁମାଲ, ଲଦାଖର ଥିଗ୍‌ମା ବା ଉଲ୍ ଟାଇ ଆଣ୍ଡ ଡାଇ ଓ ବାରାଣସୀର ଅୱଧ ଜାମଦାନୀ ଭଳି ପ୍ରସିଦ୍ଧ ବସ୍ତ୍ର ରହିଛି । ଦକ୍ଷିଣ ଭାରତରୁ କର୍ଣ୍ଣାଟକର ଇଲକଲ ଓ ଲାମ୍ବାଡ଼ି ବା ବଞ୍ଜାରା, ତାଞ୍ଜାଭୁରର ସିକଲନୟକାନପଠ କାଲାମକାରୀ ଅନ୍ତର୍ଭୁକ୍ତ । ସେହିପରି ଗୋଆର କୁନବୀ, ଗୁଜରାଟର ମାସୁ ଓ ପଟୋଲା, ମହାରାଷ୍ଟ୍ରର ହିସ୍ରୋ ଇତ୍ୟାଦି ତାଲିକାରେ ସ୍ଥାନ ପାଇଛି ।

## ସ୍ୱପ୍ନା ଭାରତୀ ହେଲେ ମିସେସ୍ ଇଣ୍ଡିଆ ଦିବସର ରନର୍ସ ଅପ୍

ନୂଆଦିଲ୍ଲୀ : ସ୍ଥାନୀୟ ଗ୍ରେଟର ସମ୍ବଲପୁର ସୋସାଇଟିର ବାସିନ୍ଦା ସ୍ୱପ୍ନା ଭାରତୀ ମିସ୍, ମିସେସ୍ ଇଣ୍ଡିଆ ଦିବସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ମିସେସ୍ ଇଣ୍ଡିଆ ଦିବସର ପ୍ରଥମ ରନର୍ସ ଅପ୍ ହୋଇଛନ୍ତି । ଏହି ପ୍ରତିଯୋଗିତାରେ




ସମଗ୍ର ଦେଶରୁ ୭ ହଜାର ୩୦୦ ପ୍ରତିଯୋଗୀ ଆବେଦନ କରିଥିବା ବେଳେ ଆୟୋଜକମାନେ ସେଥିରୁ ୨୦୦ ଜଣଙ୍କୁ ବାଛିଥିଲେ । ସେଥିରୁ ୩୪ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ବାଛିଥିଲେ । ସ୍ୱପ୍ନା ପ୍ରଥମ ଓଡ଼ିଆ ଭାବେ ଏହି ଟାଇଟିଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି । ସେ ସଞ୍ଜୀତ କୁମାର ନାଏକଙ୍କ ଧର୍ମପତ୍ନୀ ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ 'ଉଡାନ୍' ପକ୍ଷରୁ ତମନ୍ନା ସାମନ୍ତରାୟ ସମ୍ମାନିତ କରିଛନ୍ତି ।

## ସୂର୍ଯ୍ୟ ଦେଓଙ୍କ ପୁସ୍ତକକୁ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର



ନୂଆଦିଲ୍ଲୀ : ସ୍ଥାନୀୟ ବିଜ୍ଞାନ ଭବନ ଠାରେ ଆୟୋଜିତ ୬୮ତମ ରାଷ୍ଟ୍ରୀୟ ଚଳଚିତ୍ର ପୁରସ୍କାର-୨୦୨୦ ପ୍ରଦାନ ସମାରୋହରେ ଓଡ଼ିଆ ଭାଷାରେ ରଚିତ ସିନେମା ପୁସ୍ତକ 'କାଲି ପାଇଁ କାଲିର ସିନେମା'କୁ ସମ୍ମାନିତ କରାଯାଇଛି । ପୁସ୍ତକ ରଚନା ଓ ପ୍ରକାଶନ ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁସ୍ତକର ଲେଖକ ସୂର୍ଯ୍ୟ ଦେଓଙ୍କୁ ସମ୍ମାନିତ କରିଛନ୍ତି । ପ୍ରଥମ ଥର ଲାଗି ଓଡ଼ିଆ ଭାଷାରେ ଓଡ଼ିଆ ଚଳଚ୍ଚିତ୍ର ଉପରେ ରଚିତ ଏଭଳି ପୁସ୍ତକ ରାଷ୍ଟ୍ରୀୟ ଚଳଚ୍ଚିତ୍ର ସମାରୋହରେ ସମ୍ମାନିତ ହୋଇଛି ।

## ଏ ସଂଖ୍ୟାରେ..


ଭୋଗେ ଭବାନୀ, ସମରେ ଦୁର୍ଗା


ଅଧିକ ପିଆଜଯୁକ୍ତ ଖାଦ୍ୟ କ୍ଷତିକାରକ


ବ୍ରେକ୍‌ଫାଷ୍ଟ ନ କଲେ ବଢ଼େ ଆଳସ୍ୟତା


କଲରାର ଔଷଧୀୟ ଗୁଣ


ଡିପ୍ରେସନରୁ ମୁକ୍ତି ଦେବ କାଜୁବାଦାମ୍


ଶାଗୁଦାନାର ଉପକାରିତା

## ପୁଣେରେ ନୂଆଁଖାଇ ଭେଟ୍‌ଘାଟ୍

ପୁନେ : ପୁଣେସ୍ଥିତ କଲଚରାଲ ଆସୋସିଏଶନ ପକ୍ଷରୁ ସେଠାରେ ରହୁଥିବା ପଶ୍ଚିମ ଓଡିଶାର ପରିବାରଙ୍କୁ ନେଇ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯକ୍ରମରେ ପଶ୍ଚିଓଡିଶାର ବିଭିନ୍ନ ଜିଲାର ୫୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗ ଦେଇଥିଲେ । ଚଳିତବର୍ଷ ନୂଆଁଖାଇର ଉଦ୍ଦେଶ୍ୟ ଥିଲା ‘ଆମର ପରବ ଆମର ଗରବ’ । ସକାଳ ଚା ପାନ ଠାରୁ ଆରମ୍ଭ କରି ସ୍ୱାଦିଷ୍ଟ ବ୍ୟଞ୍ଜନ ଭାତ, ଡାଲି, କରଡ଼ି ଆମ୍ବିଳ, ଘାଣ୍ଟ ତରକାରୀ, କ୍ଷୀରି ଆଦି ଭୋଜନ କରି ମଉଜ ମଜଲିସ କରିଥିଲେ ଓଡ଼ିଆ ପରିବାର । ଏହି ଅବସରରେ ଆସୋସିଏଶନର ଅଧକ୍ଷ ସଞ୍ଜୟ ମହାନ୍ତି ଭବିଷ୍ୟତରେ ନୂଆଁଖାଇ ପର୍ବକୁ ନିଆରା ଢଙ୍ଗରେ ପାଳନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କାର୍ଯକ୍ରମରେ ଯୋଗ ଦେଇଥିବା ସମସ୍ତ ଓଡ଼ିଆ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ । ପୂର୍ବାହ୍ନରେ ମା’ ସମଲେଇଙ୍କ ପୂଜା ଅର୍ଚ୍ଚନା ପରେ ସାଂସ୍କୃତିକ କାର୍ଯକ୍ରମ ହୋଇଥିଲା । ଚଳିତବର୍ଷ ଲୋଇସିଂହାର ପ୍ରସିଦ୍ଧ ‘ସଙ୍ଗୀତ ସାଧନା’ ଲୋକନୃତ୍ୟ ଦଳକୁ ଆମନ୍ତ୍ରଣ କରାଯାଇଥିଲା । ଦଳର ଶଙ୍କର ବେହେରାଙ୍କ ନେତୃତ୍ୱରେ କଳାକାରମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ସେମାନଙ୍କ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ । ଏହି ଅବସରରେ ଆସୋସିଏଶନ ପକ୍ଷରୁ ନୂଆଁଖାଇ ଭେଟଘାଟ ପତ୍ରିକା ଉନ୍ମୋଚନ ହୋଇଥିଲା । ସୁନ୍ଦରଗଡ଼ ଜିଲ୍ଲାର ବଡଗାଁ ବରପାଲି ଗାଁର ସ୍ୱସ୍ତିକ ବିଶିଙ୍କ ସମେତ ଅନୁପମ ମିଶ୍ର, ସୁବ୍ରତ ସାହୁ, ଜୟନ୍ତ ଦୀପ, ଝସକେତନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ରଜରାଜ ବିଧାୟିକାଙ୍କ ଲଖନପୁର ବ୍ଲକ ଗସ୍ତ

ଝାରସୁଗୁଡ଼ା : ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଲଖନପୁର ବ୍ଲକ କନକତୋରା ଦୁର୍ଗା ମଣ୍ଡପ ସମ୍ମୁଖରେ ନିର୍ମିତ ଏକ ଖୋଲା ମଣ୍ଡପକୁ ବିଧାୟିକା ଅଳକା ମହାନ୍ତି ଉଦ୍‌ଘାଟନ କରିଛନ୍ତି । ପ୍ରକାଶ ଥାଉ କି ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ବିଧାୟକ ପାଣ୍ଠିରୁ ଏହି ମଣ୍ଡପ ନିର୍ମାଣ କରାଯାଇଥିଲା । ଏ ଅବସରରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଚଇନି, ସମିତି ସଭ୍ୟ ପଦ୍ମନାଭ ଭୋଇ, ଅତାବିରା ସରପଞ୍ଚ ସଂଜିତ ପଧାନ, ସମରବଗା ସମିତି ସଭ୍ୟ ରାଜେନ୍ଦ୍ର ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରମୋଦ ଗଡ଼ତିଆ, ବ୍ଲକ ବିଜେଡି ଯୁବ ସଭାପତି ନରେଶ ଖମାରୀ, ଛାତ୍ର ସଭାପତି ଝସକେତନ ବିଶ୍ୱାଳ, ରଜନୀକାନ୍ତ ସା, ବାବୁଲାଲ ଦାସ, ଦିଲୀପ ସାହୁ, ପ୍ରଶାନ୍ତ ବିଶ୍ୱାଳ, ଡୋଲାମଣି ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବିଧାୟିକା ଶ୍ରୀମତୀ ଲଖନପୁର ସ୍ଥିତ ସରକାରୀ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟର



ଶ୍ରେଣୀ ଗୃହ ଗୁଡିକୁ ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ସହିତ ପାଠପଢ଼ା, ମଧ୍ୟାହ୍ନ ଭୋଜନ ଓ ପୋଷାକ ବଣ୍ଟନ ଆଦି ସମ୍ପର୍କରେ ପଚାରି ବୁଝିଥିଲେ । ଏତଦ୍ ବ୍ୟତୀତ ଉନ୍ନତ ମାନର ଶିକ୍ଷାଦାନ, ଶିକ୍ଷାର ଗୁଣବତ୍ତା ବଢାଇବା ସହିତ ଛାତ୍ରଛାତ୍ରୀଙ୍କୁ ସମସ୍ତ ଦିଗରେ ଅଗ୍ରଣୀ କରାଇବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି, ଖାଦ୍ୟର ମାନ ତନଖି ପାଚିକା ଙ୍କ ସହିତ ଆଲୋଚନା ସମୟରେ ସ୍ୱଚ୍ଛତା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ପରେ ସେଠାରୁ ଗ୍ରାମକୁ ଯାଇ ଗ୍ରାମର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହିତ ମନ୍ଦିରର ପୂନଃଉଦ୍ଧାର କାର୍ଯ୍ୟ କରିବା ନିମନ୍ତେ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି ।



## ଭାଇଜିଉଁତିଆ

ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ଦୁର୍ଗାଷ୍ଟମୀ ଦିନ ସାର୍ବଜନୀନ ଭାବେ ପଶ୍ଚିମ ଓଡ଼ିଶାର କୁମାରୀଠାରୁ ଆରମ୍ଭ କରି ବୃଦ୍ଧାଯାଏଁ ସମସ୍ତ ବୟସର ଭଉଣୀମାନେ ସ୍ୱଇଚ୍ଛା ଓ ସାମର୍ଥ୍ୟମତେ ଭ୍ରାତୃବ୍ରତ ‘ଭାଏଜିଇଁତା ଓଷା’ ପାଳନ କରନ୍ତି । ଭାରତୀୟ ଲୋକସଂସ୍କୃତିରେ ଭ୍ରାତୃବ୍ରତର ପରମ୍ପରା ରହିଛି । ବଙ୍ଗୀୟ ଲୋକ ସମାଜରେ ଏହା ‘ଭାଇଫୋଟା’ ନାମରେ ବିଦିତ ଥିବାବେଳେ ହିନ୍ଦୀ ଭାଷାଭାଷୀ ଉତ୍ତର, ମଧ-ଭାରତୀୟ ସମାଜରେ ‘ଭୈୟାଦୁଜ’ ନାମରେ ଜଣାଶୁଣା । ଦକ୍ଷିଣ ଓ ପଶ୍ଚିମ ଭାରତରେ ମଧ ‘ଭ୍ରାତୃବ୍ରତ’ର କ୍ରିୟାନୁଷ୍ଠାନ ରହିଛି । ମହାନ ପରମ୍ପରାର ଅନ୍ତର୍ଗତ ହେଲେ ହେଁ ଏଥିରେ ଆଞ୍ଚଳିକ ଧର୍ମାଚାର ବା ଲୌକିକ ପରମ୍ପରାର ଭିନ୍ନତା ପରିଦୃଷ୍ଟ ହୋଇଥାଏ । ଭାରତର ବିଭିନ୍ନ ଅଞ୍ଚଳରେ ଭ୍ରାତୃବ୍ରତର ଆନୁଷ୍ଠାନିକ ପରମ୍ପରା ରହିଥିଲେ ହେଁ, ପଶ୍ଚିମ-ଓଡ଼ିଶା ଓ ଛତିଶଗଡ଼ ଅଞ୍ଚଳରେ ଯେପରି ବ୍ୟାପକ ଭାବରେ ଏହାର ଆଡମ୍ବରପୂର୍ଣ୍ଣ ଅନୁଷ୍ଠାନ ଦେଖାଯାଏ, ଅନ୍ୟତ୍ର ସେପରି ଦେଖାଯାଏନାହିଁ । ଏ ଅଞ୍ଚଳରେ ଶାରଦୀୟ ଉତ୍ସବ ମଧରେ ‘ଭାଏ ଜିଇଁତା’ ଅନୁଷ୍ଠାନର ଉତ୍ସବମୟ ଆବିର୍ଭାବ ଘଟି ସମଗ୍ର ଶାରଦୀୟ ଶାକ୍ତ ପରିବେଶକୁ ମହାପାର୍ବଣରେ ପରିଣତ କରିଥାଏ । ଭାଇର ସୁରକ୍ଷା ପାଇଁ ପରମ ଶକ୍ତିମୟୀ ଦୁର୍ଗା ବା ବନଦୁର୍ଗାଙ୍କ ବ୍ରତ ପାଳନ କରିବା ବହୁ ଦୃଷ୍ଟିରୁ ଯୁକ୍ତିଯୁକ୍ତ ହୋଇଥିବାରୁ ଏହି ସାଂସ୍କୃତିକ ପରମ୍ପରା ସୃଷ୍ଟି ହୋଇଛି । ତେଣୁ ଏହି ‘ଓଷା’କୁ ଶିଷ୍ଟ ସମାଜରେ ଦୁର୍ଗାଷ୍ଟମୀ ବ୍ରତ ବୋଲି ମଧ କୁହାଯାଏ । କେତୋଟି ବ୍ରତରେ ଯେଉଁ ଦେବଦେବୀଙ୍କୁ ପୂଜା କରାଯାଏ ସେହିମାନେ ହିଁ ପ୍ରଥମେ ଉକ୍ତ ବ୍ରତ ପାଳନ କରିଥିବାର ବିଷୟ ବ୍ରତ କଥାରେ ବର୍ଣ୍ଣିତ ହୋଇଥାଏ । ଠିକ୍ ସେହିପରି ଦୁର୍ଗାଷ୍ଟମୀ ବ୍ରତ ମଧ ପ୍ରଥମେ ଦୁର୍ଗାଦେବୀ ପାଳନ କରିଥିବାର କିମ୍ବଦନ୍ତୀ ପ୍ରଚଳିତ । ରବିନାରାୟଣ ବ୍ରତ କଥାରେ ଏହା ଉଲ୍ଲେଖ ରହିଛି ।

‘ଭାଇଜିଉଁତିଆ’ର ଉତ୍ପତ୍ତି ସଂପର୍କରେ ଅନେକ ମିଥ୍ ପ୍ରଚଳିତ । ସେ ମଧରୁ ଗୋଟିଏ ହେଉଛି “ଦ୍ୱାପର ଯୁଗରେ ନନ୍ଦ ଗୃହରେ ଜନ୍ମ ହୋଇଥିବା ବିଜୁଳିକନ୍ୟା ବା ଦୁର୍ଗାଦେବୀ ଭାଇ କୃଷ୍ଣଙ୍କ ସୁରକ୍ଷା ନିମନ୍ତେ ପ୍ରଥମେ ‘ଭାଇଜିଉଁତିଆ’ ଓଷା ପାଳନ କରିଥିଲେ ।” ସେହିଦିନଠାରୁ ଯୁଗେ ଯୁଗେ ଭଉଣୀମାନେ ଭାଇର ସୁରକ୍ଷା ଓ ଦୀର୍ଘଜୀବନ କାମନା କରି ଏହି ଓଷା ବା ବ୍ରତ ପାଳନ କରିଆସୁଛନ୍ତି । ବ୍ରହ୍ମାଣ୍ଡପୁରାଣ ବର୍ଣ୍ଣିତ ସ୍ୱୟଂ ଦୁର୍ଗାଦେବୀଙ୍କର ଦୁର୍ଗାଷ୍ଟମୀ ବ୍ରତ ପାଳନ ବାଞ୍ଛାରୁ ଏହି ମିଥର ସୃଷ୍ଟି । ‘ଭାଇଜିଉଁତିଆ’ ସଂପର୍କରେ ଅନ୍ୟ ଏକ ମିଥ୍ ବ୍ରତ କାହାଣୀ ରୂପରେ ଲୌକିକ ପରମ୍ପରାରେ ପ୍ରଚଳିତ । ଏହି କାହାଣୀକୁ ବ୍ରତକଥା ଭାବରେ ପୌରାଣିକ ମର୍ଯ୍ୟାଦା ଦେବାପାଇଁ ଦ୍ୱିଜ ଗୋବିନ୍ଦ ଚନ୍ଦ୍ର ‘ଭାଇଜିଉଁତିଆ’ ଓଷା କଥା ନାମରେ ପରବର୍ତ୍ତୀ ସମୟରେ ଏକ ଗୀତ ରଚନା କରିଛନ୍ତି । ଏହି ରଚନାଟି ସଂପ୍ରତି ଛପାହୋଇ ବଜାରରେ ମିଳୁଛି ।

ଆଲୋଚକ ସ୍ୱପ୍ନେଶ୍ୱର ଦାଶ ଏହାକୁ ପଶ୍ଚିମ ଓଡ଼ିଶା ପ୍ରାଚୀନ ଓ ମୌଳିକ ଅନୁଷ୍ଠାନ ବୋଲି ଉଲ୍ଲେଖ କରିଛନ୍ତି । ସେ ଏହି ଓଷାର ପ୍ରାଚୀନତାକୁ ରାମାୟଣ ଯୁଗ ସହିତ ବିଚାର କରି କହିଛନ୍ତି “କୋଶଳ ରାଜଜେମାଙ୍କ ପୁତ୍ର ଶ୍ରୀରାମଚନ୍ଦ୍ର କୋଶଳ ରାଜ୍ୟର କନ୍ୟାମାନଙ୍କର ମାମୁ ପୁଅ ଭାଇ । ମାମୁ ପୁଅ ଭାଇଙ୍କର କୁଶଳ କାମନାରେ ଏମାନେ କରିଥିଲେ । ସେହି ବ୍ରତ ଭାଇଜିଉଁତିଆ ନାମରେ ପରିଣତ ହୋଇଯାଇଛି ଏବଂ ଭଗ୍ନୀମାନେ ନିଜ ନିଜ ସହୋଦରୀୟ ଭ୍ରାତାମାନଙ୍କର ମଙ୍ଗଳ କାମନାରେ ସେଦିନ ନିର୍ଜଳା ଉପବାସ କରି ବ୍ରତ ପାଳନ କରିଆସୁ ଅଛନ୍ତି । ଏହି ପର୍ବର ନାମ ଭାଇଜିଉତିଆ । ଏହି ଭାଇଜିଉତିଆ ଓଷା କେବଳ ପଶ୍ଚିମ ଓଡ଼ିଶାରେ ପାଳିତ ହେଉଅଛି । ଦୁର୍ଗାବ୍ରତ ନାମରେ ଏହି ଜୟନ୍ତୀ ବ୍ରତ କଥିତ ।”

ଲୋକସଂସ୍କୃତିର ଅନୁଧାନରୁ ଜଣାପଡ଼େ ଯେ, ଏହି ଓଷା ବାସ୍ତବରେ ପଶ୍ଚିମ ଓଡ଼ିଶାର ଏକ ପ୍ରାଚୀନ ଅନୁଷ୍ଠାନ । ଏହି ଭୂମିର ଆଦିବାସୀ ପରମ୍ପରାରେ ଏହା ବହୁକାଳରୁ ରହି ଆସିଛି । ଏବେ ମଧ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳଗୁଡ଼ିକରେ କୁମାରୀ କନ୍ୟାମାନେ ‘ଭାଏଜିଇଁତା’ ପାଳନ ବେଳେ ଯେଉଁ ଡାଳଖାଇ ପୂଜା ଓ ନୃତ୍ୟ କରିଥାନ୍ତି ସମ୍ଭବତଃ ଏହାହିଁ ଏହି ଓଷାର ଲୌକିକ ପରମ୍ପରା । ଡାଲଖାଇ, ଅନୁଷ୍ଠାନ ମାଧମରେ ଭାଏଜିଇଁ ତା’ ଓଷା କରୁଥିବା କୁମାରୀ ଓଷାଇତିମାନେ ସାଧାରଣତଃ ଧନୁତୀର, ଖଣ୍ଡା ଓ ଏହି ପବିତ୍ର ଡାଳକୁ ପୂଜା କରନ୍ତି । ଏହି ପବିତ୍ର ଡାଳ ବନଦୂର୍ଗାଙ୍କ ପ୍ରତୀକ ଓ ଡାଲଖାଇ ଦେବୀ ନାମରେ ବିଦିତ । ଲୌକିକ ପରମ୍ପରାର ବହୁ ଅନୁଷ୍ଠାନ ଶିଷ୍ଟ ପରମ୍ପରାର ‘ଭାଏଜିଉଁତିଆ’ ଓଷାରେ ବର୍ଜିତ ହୋଇଥିଲେ ହେଁ ଖଣ୍ଡାବସା ଅନୁଷ୍ଠାନଟି ଏବେ ମଧ ରହିଛି । କାରଣ ‘ଭାଏଜିଉଁତିଆ’ ଓଷାର ମୂଳ ଉଦ୍ଦେଶ୍ୟ ଏହି ଅନୁଷ୍ଠାନରେ ତାରିଖ ଭାବେ ନିହିତ ଅଛି । ଭଉଣୀ ଭାଇର ଅରିଷ୍ଟଖଣ୍ଡନ, ଦୀର୍ଘଜୀବନ କାମନା ଓ ସୁରକ୍ଷା ପାଇଁ କାହିଁକି ବ୍ରତ କରେ ଓ ସେଥିପାଇଁ ଖଣ୍ଡା ବା ଅସ୍ତ୍ରାଦିକୁ ପୂଜା କରେ ତହିଁର ଯଥାର୍ଥ କାରଣ ‘ଖଣ୍ଡାବସା’ ଅନୁଷ୍ଠାନ ମଧରେ ରହିଛି । ଐହିକ ସୁଖ, ସମ୍ପତ୍ତି ଓ ସୁରକ୍ଷା କାମନାକରି ଓଷାବ୍ରତମାନ ପ୍ରଚଳିତ । ଏହି ତିନୋଟି କାମନା ମଧରୁ ସୁରକ୍ଷା ହେଉଛି ପ୍ରାଥମିକ ଆବଶ୍ୟକତା । ସୁରକ୍ଷା ବ୍ୟତିରେକ ଅସ୍ତିତ୍ୱ ବିପନ୍ନ ହୋଇପଡ଼େ, ଅସ୍ତିତ୍ୱ ବିନା ସୁଖ ସମ୍ପତ୍ତିର କାମନା ହିଁ କରାଯାଇପାରେନା । ଆଦିମ ସମାଜରୁ ଆରମ୍ଭ କରି ଯୁଗେ ଯୁଗେ ନାରୀ ଆପଣାର ସୁରକ୍ଷା ନିମନ୍ତେ ପୁରୁଷ ସମାଜ ଉପରେ ନିର୍ଭର କରିଆସିଛି । ଭାରତୀୟ ସମାଜ ବ୍ୟବସ୍ଥାରେ ବିଶେଷ ଭାବେ ବାପା, ଭାଇ ଓ ସ୍ୱାମୀ ହିଁ ନାରୀର ସୁରକ୍ଷା ଦାୟିତ୍ୱ ବହନ କରିଥାନ୍ତି । ବିବାହ ପୂର୍ବ ଜୀବନରେ ପିତା ଓ ଭ୍ରାତା ତା’ର ସୁରକ୍ଷା ଦାୟିତ୍ୱ ବହନ କରନ୍ତି, ବିବାହ ପରେ । ଏ ଦାୟିତ୍ୱ ସ୍ୱାମୀ ବହନ କରନ୍ତି । ନାରୀ-ପୁରୁଷର ସଂପର୍କ ମଧରେ ବାପାଙ୍କ ପରେ ଭାଇର ସଂପର୍କ ଅତି ଗୁରୁତ୍ୱପୂର୍ଣ୍ଣ । ଯୌନ ନିୟନ୍ତ୍ରଣ ବିଧିରେ ନାରୀ ସ୍ୱାମୀ ସହ ଯୌନ ଅନୁକୂଳ ସଂପର୍କ ଦ୍ୱାରା ସୁରକ୍ଷିତ ରହୁଥିବା ବେଳେ ଭାଇ ସହିତ ଯୌନ ପ୍ରତିକୂଳ ସଂପର୍କ ହେତୁ ସୁରକ୍ଷିତ ରହେ । ବନ୍ୟବର୍ବର ଜୀବନରୁ ମୁକ୍ତହୋଇ ଯେତେବେଳେ ଆଦିମ ସମାଜରେ ମଣିଷ ଗୋଷ୍ଠୀ ଜୀବନକୁ ଲାଭ କଲା, ପିତାମାତା, ଭାଇଭଉଣୀର ସଂପର୍କ ଆବିଷ୍କାର ମାଧମରେ ପରିବାର ଜୀବନରେ ପ୍ରବେଶ କଲା, ସେହିଦିନଠାରୁ ଭାଇ ଭଉଣୀର ସୁରକ୍ଷା ଦାୟିତ୍ୱ ବହନ କରିଆସୁଛି । କୁମାରୀ ଓ ଯୁବତୀ ସମୟରେ ହିଁ ନାରୀ ନିଜକୁ ଅଳ୍ପକ ଅସୁରକ୍ଷିତ ମନେକରେ । ଏ ଦୁଇ ଅବସ୍ଥାରେ ନାରୀକୁ ବିଭିନ୍ନ ଉପାୟରେ ବା ଅପହରଣ ବଳରେ ଉପଭୋଗ କରିବା ପାଇଁ ଯୁଗେ ଯୁଗେ ପୁରୁଷ ପ୍ରତିଯୋଗିତାର ଅନ୍ତ ନାହିଁ । ଆଦିବାସୀ ସମାଜର ‘କନିଆଁ ଘିଚା’ ପ୍ରଥାଠାରୁ ଆରମ୍ଭକରି ରାଜପରିବାର ‘ସ୍ୱୟମ୍ବର ସଭାରେ ଗୋଳ ପର୍ଯ୍ୟନ୍ତ ସବୁଠାରେ ଏହି ଦୃଷ୍ଟାନ୍ତ ରହିଛି । ତେଣୁ ନିଜ ଭାଇକୁ ବାଦ୍ ଦେଲେ ଅନ୍ୟ ଯେକୌଣସି ଯୁବକ ବା ପୁରୁଷ ଦ୍ୱାରା ଅପହୃତା ହେବାର ଭୟ ସେ ମନରେ ରଖୁଥାଏ । କେବେ ଏପରି ବିପଦ ଆସିଲେ ଭାଇ ହିଁ ତାକୁ ରକ୍ଷାକରେ । ପୂର୍ବେ ବଣଜଙ୍ଗଲ ଭିତର ଦେଇ କନ୍ୟାର ବିବାହ ଦୋଳା ବା ସବାରି ଯାଉଥିଲା- ସେତେବେଳେ ବାଟରେ ଦସ୍ୟୁ ବା ପୂର୍ବରୁ ଆସକ୍ତ କେହି ଅନ୍ୟ ପୁରୁଷ ଅତର୍କିତ ଆକ୍ରମଣ କରି କନ୍ୟାକୁ ଅପହରଣ କରୁଥିଲେ । ଭଉଣୀକୁ ଏହି ବିପଦରୁ ରକ୍ଷା କରିବା ପାଇଁ ସେତେବେଳେ ଭାଇ ମଧ ଅସ୍ତ୍ର ଧରି ଦୋଳା ବା ସବାର ସହ ଭଉଣୀର ଶାଶୂଘରଯାଏ ଯାଉଥିଲା । (ଭଉଣୀକୁ ଭାଇ ଶାଶୂଘର ଛାଡ଼ିଯିବା ଓ ସେଠାରେ ମଙ୍ଗଳକୃତ୍ୟ ହୋମରେ ଅଂଶଗ୍ରହଣ କରିବା ପରମ୍ପରା ଏବେ ମଧ ବଳବତ୍ତର ରହିଛି ) ଭଉଣୀର ବିବାହୋତ୍ତର ଜୀବନରେ ମଧ ତା’ର ସଧବା ରୂପକୁ ସୁରକ୍ଷିତ ରଖିବାର ଦାୟିତ୍ୱ ଭାଇ ହିଁ ବହନ କରୁଥିଲା । କେବେ ଭଗିନୀଟିଏ ବିଭିନ୍ନ କାରଣରୁ ନିରାଶ୍ରୟ ହେଲେ ଭାଇ ନିଜ ଘରେ ଆଶ୍ରା ଦେଇ ସୁରକ୍ଷା ପ୍ରଦାନ କରେ ।

ଭାଇ ଯୋଗୁଁ ହିଁ ଭଉଣୀର ବାପଘର ସଂପର୍କ ବଜାୟ ରହେ । କାଳକ୍ରମେ ବାପାଙ୍କ ଉତ୍ତରାଧିକାର ପଣ ଭାଇକୁ ହିଁ ମିଳେ । ଲୋକାଚାରମତେ, ଭାଇ ହିଁ ଭଉଣୀକୁ ଶାଶୂଘରୁ ଡାକିଆଣି ଜନ୍ମମାଟିର ସାନ୍ନିଧ ଦିଏ, ପାଞ୍ଚ ଲୋକରେ ସମ୍ମାନ ବଢ଼ାଏ । (ଅନ୍ତତଃ ବର୍ଷକରେ ଥରେ- ଏବେ ମଧ ‘ଭାଏଜିଉଁତିଆ’ ଅବସରରେ ପଶ୍ଚିମ ଓଡ଼ିଶାର ଭାଇମାନେ ନିଜ ନିଜ ଭଉଣୀମାନଙ୍କୁ ଆଣିବାପାଇଁ ଯାଆନ୍ତି । ଏହା ସାମାଜିକ ପ୍ରଥା) ଭାଇ ସକାଶେ ମା’ ମାଟି ଓ ବାପଘର ସହ । ତା’ର ଆବାଲ୍ୟ ବନ୍ଧନ ଅତୁଟ ରହେ । ଏସବୁ ଦୃଷ୍ଟିରୁ ଭଉଣୀର ଶାଶ୍ୱତ ସ୍ମୃତିରେ ଭାଇ ଏକ ଅପାସୋରା ଚରିତ୍ର ସମ୍ଭବତଃ ଆଦିମ, ପ୍ରାଚୀନ ଓ ମଧ୍ୟଯୁଗରେ ଭାଇମାନେ ଯେଉଁ ଧନୁତୀର ଓ ଖଣ୍ଡା ଆଦି ସାହାଯ୍ୟରେ ଉଭଣୀମାନଙ୍କୁ ରକ୍ଷା କରୁଥିଲେ, ସେହି ଧନୁତୀର ଓ ଖଣ୍ଡାକୁ ସଦା ଅଜେୟ, ଅକ୍ଷୟ ଓ ମହାନ୍ ଶକ୍ତିସଂପନ୍ନ କରି ରଖୁବା ପାଇଁ ଭଉଣୀମାନେ ପରମ ଶକ୍ତିମୟୀ ମାତୃରୂପା ଦୁର୍ଗା ବା ବନଦୁର୍ଗାଙ୍କୁ ଆହ୍ୱାନ କରୁଥିଲେ । (ଭାଇମାନଙ୍କୁ ବହୁ ବିପଦ ବଣରେ ହିଁ ପଡୁଥିଲା । ଭାଇ ବଣ ଭିତରେ ହିଁ ଭଉଣୀର ସବାରି ଧରି ଯାଉଥିଲା ।) ଭ୍ରାତୃବ୍ରତ ପାଳନପୂର୍ବକ ଦୁର୍ଗାଙ୍କ କୋଠି ମଧରେ ସେହି ଧନୁତୀର ଓ ଖଣ୍ଡାକୁ ଅଭିମନ୍ତ୍ରିତ କରି ଦୁର୍ଗାଶକ୍ତି ଖଣ୍ଡା/ ଅସ୍ତ୍ରକୁ ଭାଇ ହାତରେ ଧରାଇ ଦେଉଥିଲେ, ଅରିଷ୍ଟଖଣ୍ଡନ ଶକ୍ତିଙ୍କ ପ୍ରତୀକ ସୁତ୍ରିକା ବା ‘ଜିଇଁତା’କୁ ଗଳାରେ ପିନ୍ଧାଇ ଦେଉଥିଲେ । ଦେବୀଙ୍କ ଶକ୍ତି ଲାଭକରି ଖଣ୍ଡା ପାଟଖଣ୍ଡାରେ ପରିଣତ ହେଉଥିଲା । ସେହି ଖଣ୍ଡା ଧରି ଭାଇ ଭଉଣୀକୁ ରକ୍ଷା କରୁଥିଲା । ଭାଇର ସୁରକ୍ଷା ପାଇଁ ଭଉଣୀ ମଧ ଦୁର୍ଗାଙ୍କ ଚରଣ ଆଶ୍ରାକରି ‘ଭାଏଜିଉଁତିଆ’ ଓଷା ପାଳନ କରୁଥିଲା । ଭାଇ-ଭଉଣୀର ସମାଜିକ ସଂପର୍କ ମଧରେ ପଶ୍ଚିମ ଓଡ଼ିଶାରେ ଏହି ଓଷାର ସାର୍ବଜନୀନ ପରମ୍ପରା ଏପର୍ଯ୍ୟନ୍ତ ରହି ଆସିଛି ।

# ଭୋଗେ ଭବାନୀ, ସମରେ ଦୁର୍ଗା

ଶ୍ରୀଦୁର୍ଗାସପ୍ତଶତୀ ଭାରତୀୟ ଜୀବନ - ଦର୍ଶନ ତଥା ସଭ୍ୟତା ଓ ସଂସ୍କୃତିର ଏକ ଅମୂଲ୍ୟ ମାର୍ଗଦର୍ଶକ ଗ୍ରନ୍ଥ । ବେଦବ୍ୟାସ ସମସ୍ତ ବେଦ ତଥା ଉପନିଷଦ ମାନଙ୍କର ସାରମର୍ମ ସାତଶହ ଶ୍ଳୋକବିଶିଷ୍ଟ ଭଗବତ୍ ଗୀତାରେ ସନ୍ନିବେଶିତ କରିବା ପରେ ସମସ୍ତ ଆଗମ (ତନ୍ତ୍ର) ଏବଂ ନିଗମ ଶାସ୍ତ୍ର (ବେଦାଦି ଶାସ୍ତ୍ର)ର ଶକ୍ତି ବିଷୟକ ସାରମର୍ମ ସାତଶହ ଶ୍ଳୋକବିଶିଷ୍ଟ ଶ୍ରୀଦୁର୍ଗାସପ୍ତଶତୀ ଗ୍ରନ୍ଥରେ ରଚନା ଶାସ୍ତ୍ର କରିଛନ୍ତି । ଭୌତିକ ବିଜ୍ଞାନ ମତରେ ଜଡବସ୍ତୁରେ ଥିବା ଶକ୍ତି ଏବଂ ଭାରତୀୟ ଦର୍ଶନ ମତରେ ଚୈତନ୍ୟଯୁକ୍ତ ବସ୍ତୁ ମଧରେ ଥିବା ଶକ୍ତି ହିଁ ବିଶ୍ୱବ୍ରହ୍ମାଣ୍ଡରେ ସୃଷ୍ଟି-ପାଳନ-ସଂହାର ସଂକ୍ରାନ୍ତ ସବୁକିଛି ନିୟନ୍ତ୍ରଣ କରିଥାଏ । ପରମେଶ୍ୱରଙ୍କ ଶକ୍ତି ଭିନ୍ନ ଭିନ୍ନ ସମୟରେ ନାନାପ୍ରକାର ରୂପରେ ଏବଂ ଜୀବ ଦେହରେ ଜୀବାତ୍ମା ରୂପେ ପ୍ରକାଶ ପାଏ । ପରମେଶ୍ୱରଙ୍କ ଶକ୍ତି ମୁଖ୍ୟତଃ - ଭୋଗେ ଭବାନୀ, ପ୍ରାସାଦେଷୁ ଲକ୍ଷ୍ମୀ, ସମରେ ଦୁର୍ଗା ଓ ପ୍ରଳୟେ ତୁ କାଳୀ ରୂପେ ପ୍ରକାଶ ପାଇଥାଏ । ଯେତେବେଳେ ବିଶ୍ୱରେ ଦାନବର ଅତ୍ୟାଚାର ବୃଦ୍ଧି ହୁଏ, ଯୁଦ୍ଧ-ବିଗ୍ରହ ପରି ସମସ୍ୟାମାନ ଆସେ ସେତେବେଳେ ଧରାପୃଷ୍ଠରେ ଦୁର୍ଗାଙ୍କର ଆବିର୍ଭାବ ହୁଏ । ଦୁଷ୍ଟ ଦଳନ ଓ ସନ୍ଥ ପାଳନ କରି ସେ ସୃଷ୍ଟିର ରକ୍ଷା କରିଥାନ୍ତି । ଶ୍ରୀଦୁର୍ଗାସପ୍ତଶତୀ କହେ-

'ଇହଂ ଯଦା ଯଦା ବାଧା ଦାନବୋହା ଭବିଷ୍ୟତି ।

ତଦା ତଦାବତୀର୍ଯ୍ୟାହଂ କରିଷ୍ୟାମ୍ୟରିସଂକ୍ଷୟମ୍ ।।

ଶ୍ରୀଦୁର୍ଗାସପ୍ତଶତୀ ତିନୋଟି ଚରିତ୍ର- ରାଜା ସୁରଥ, ସମାଧି ବୈଶ୍ୟ ଏବଂ ମେଧା ଋଷି ଏବଂ ତହିଁରେ ଥିବା ତିନି ପ୍ରତିପାଦ୍ୟ ବିଷୟ ଦ୍ୱାରା ସମୃଦ୍ଧ ।

ଭୌତିକ ପ୍ରତିପାଦ୍ୟ- ରାଜା ସୁରଥ ଶ୍ରୀ, ଶକ୍ତି ଏବଂ ସାମର୍ଥ୍ୟଯୁକ୍ତ ଜଣେ ବୀର ଓ ଯୋଦ୍ଧା । ମାତ୍ର ବାହ୍ୟ ଶତ୍ରୁ ଓ ଆନ୍ତଃ ଶତ୍ରୁମାନଙ୍କର ଷଡ଼ଯନ୍ତ୍ରର ଶିକାର ହୋଇ ପରାସ୍ତ ସୈନିକର ହତାଶା ନେଇ ଆତ୍ମନିର୍ବାସିତ ହୋଇ ମେଧାଋଷିଙ୍କ ଆଶ୍ରମରେ ଆଶ୍ରିତ ହୋଇଛନ୍ତି । ସେଠାରେ ନିଜର ସ୍ତ୍ରୀପୁତ୍ରଙ୍କ ଦ୍ୱାରା ନିର୍ଯାତିତ ଓ ବିତାଡିତ ହୋଇଥିବା ସମାଧି ନାମକ ବୈଶ୍ୟଙ୍କ ସହ ଭେଟ ହୋଇଛି । ରାଜା ସୁରଥ ଏବଂ ସମାଧି ବୈଶ୍ୟ ମୋହଗ୍ରସ୍ତ ଥିବାରୁ ହତାଶ ଓ ନିର୍ଯାତନା ସତ୍ତ୍ୱେ ନିଜର ରାଜ୍ୟ, ସଂସାର ଓ ଆତ୍ମୀୟ ବିଷୟରେ ବୃଥା ଚିନ୍ତାଶୀଳ ଥିଲେ । ଏହାର କାରଣ ମେଧାଋଷିଙ୍କୁ ଜିଜ୍ଞାସା କରନ୍ତେ ବ୍ରହ୍ମାଣ୍ଡର ସୃଷ୍ଟି - ସ୍ଥିତି—ସଂହାର କାରିଣୀ ମା' ଦୁର୍ଗା ଭଗବତୀଙ୍କର ସର୍ବବ୍ୟାପୀ ମୋହ ଆକର୍ଷଣର କାରଣ ବୋଲି ଋଷି ଉତ୍ତର ଦେଇଥିଲେ । ଦେବୀ ଦୁର୍ଗାଙ୍କୁ ନିଷ୍କାମ ଚିତ୍ତରେ ପୂଜା ଆରାଧନା ଓ ତପସ୍ୟା କରି ବରପ୍ରାପ୍ତ ହେଲେ ସଂସାରର ଜନ୍ମ-ମୃତ୍ୟୁ ଓ ମୋହ ବନ୍ଧନରୁ ମୁକ୍ତି ମିଳେ ବୋଲି ମେଧାଋଷି ସୂଚନା ଦେଇଥିଲେ ।

ଆଧ୍ୟାତ୍ମିକ ପ୍ରତିପାଦ୍ୟ- ଆମ୍ଭର ଶରୀର ଗୋଟିଏ ରଥ । ଜୀବାତ୍ମା (ପରମାତ୍ମାଙ୍କର ଅଂଶ) ତାହାର ରଥୀ, ବୁଦ୍ଧି ସେ ରଥର ସାରଥି । ମନ ସେ ରଥର ଲଗାମ । (କଠୋପନିଷଦ) । ଏ ଦୃଷ୍ଟିରୁ ବିଚାରକଲେ ରାଜା ସୁରଥ (ଶୋଭନ ରଥେ ଯସ୍ୟ ତଃ ସୁରତଃ) ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଓ ସାମର୍ଥ୍ୟର ଅଧିକାରୀ । ମେଧା ଋଷି ହେଉଛନ୍ତି-ମେଧା ବା ଆତ୍ମଜ୍ଞାନ ଓ ବୁଦ୍ଧି ଥିବା ଋଷି । ଈପ୍ସିତ ଭୋଗ୍ୟ ଦ୍ରବ୍ୟ ଓ ସଫଳତା ପାଇଁ କେନ୍ଦ୍ରୀଭୂତ ମନ ଥିବା ବୈଶ୍ୟ ହେଉଛି ସମାଧି ବୈଶ୍ୟ ।

ଅଧିଦୈବିକ ପ୍ରତିପାଦ୍ୟ- ଜନ୍ମ—ମୃତ୍ୟୁ ଚକ୍ରର ପ୍ରବାହରେ ଜୀବାତ୍ମା ଗୋଟିଏ ଶରୀର ତ୍ୟାଗ କରି ନୂତନ ଏକ ଶରୀର ଗ୍ରହଣ କରିଥାଏ । ସଙ୍ଗରେ ନେଇଥାଏ ଗତ ଜନ୍ମର କର୍ମଫଳର ଅଭୋଗ୍ୟ ଅଂଶକୁ, ଯାହା ସଞ୍ଚିତ ଫଳ ରୂପରେ ଅନ୍ତଃକରଣରେ ରହିଥାଏ । ଜନ୍ମ



ପରେ ଜନ୍ମ ଅନେକ ଅଭୋଗ୍ୟ କର୍ମଫଳ ସଞ୍ଚିତ ହୋଇ ରହିଥାଏ । ମୃତ୍ୟୁ ପର ଅବସ୍ଥାରେ ଯେଉଁସବୁ ସଞ୍ଚିତ ଫଳ ଭୋଗ ହେବା ପାଇଁ ପକ୍ୱ ହୋଇଥାଏ ସେଗୁଡିକୁ ଭୋଗ କରିବାକୁ ଅନୁରୂପ ଏକ ଶରୀର ଜୀବାତ୍ମା ଗ୍ରହଣ କରିଥାଏ । ଏହାକୁ କୁହାଯାଏ ନୂତନ ଶରୀରଯୁକ୍ତ ଜୀବର ପ୍ରାରବ୍ଧ ବା ଭାଗ୍ୟ । ପ୍ରାରବ୍ଧ ବା ଭାଗ୍ୟଫଳ ବ୍ୟକ୍ତିର ପୁରୁଷାକାର ବା କର୍ମଫଳକୁ ପ୍ରଭାବିତ କରିଥାଏ । ଏଥିପାଇଁ ସମାନ ଚେଷ୍ଟା-ଉଦ୍ୟମ ସତ୍ତ୍ୱେ ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଫଳ ପାଇଥାନ୍ତି । ସମସ୍ତେ ପ୍ରାରବ୍ଧ ବା ଭାଗ୍ୟଫଳ ଭୋଗ କରିବାକୁ ବାଧ । ସାତ୍ତ୍ୱିକ ଜୀବନଚର୍ଯ୍ୟା ଦ୍ୱାରା କର୍ମଫଳ ଭୋଗ ଶେଷ ହେଲେ ଜନ୍ମ—ମୃତ୍ୟୁଚକ୍ରରୁ ମୁକ୍ତି ମିଳିପାରିବ । ଭଗବତ୍ ସାଧନା ଓ ସିଦ୍ଧିପ୍ରାପ୍ତ ହେଲେ ପ୍ରାରବ୍ଧର୍ ଅଶୁଭ କର୍ମଫଳ କ୍ଷୟ ହୋଇଯାଏ । ସନ ରୂପକ ଅଗ୍ନି ସବୁ, କର୍ମଫଳକୁ ଭସ୍ମ କରିଦିଏ । ରାଜା ସୁରଥ ଏବଂ ସମାଧି ବୈଶ୍ୟଙ୍କର ବଳିଷ୍ଠ ପୁରୁଷାକାର ବା ସ୍ୱାସ୍ଥ୍ୟ, ସାମର୍ଥ୍ୟ, କେନ୍ଦ୍ରୀଭୂତ ମନ ଥିବା ସତ୍ତ୍ୱେ ପ୍ରାରବ୍ଧର ଅଶୁଭ ଫଳ ସେମାନଙ୍କୁ ଦୁର୍ଦ୍ଦିନ ମଧକୁ ଠେଲିଦେଇଥିଲା । ମେଧାଋଷିଙ୍କର ସତ୍ପ୍ରେରଣାରେ ସେମାନେ ଦେବୀଙ୍କ ଆରାଧନା କରି ମନୋବାଞ୍ଛିତ ବର ପାଇଛନ୍ତି ଏବଂ ନିଜର ଭାଗ୍ୟକୁ ବଦଳାଇପାରିଛନ୍ତି । ସମସ୍ତଙ୍କ ପାଇଁ ଏହା ଏକ ବଳିଷ୍ଠ ପ୍ରେରଣା । ଭଗବତ୍ ଗୀତାରେଅହଂ, ବଳ, ଦର୍ପ, କାମ, କ୍ରୋଧ, ମମତ୍ୱ, ପରିଗ୍ରହ ରୂପକ ପ୍ରବୃତ୍ତି ତ୍ୟାଗ କରି ନିବୃତ୍ତି ମାର୍ଗରେ ଅଗ୍ରସର ହେଲେ ଋଦ୍ଧି, ସିଦ୍ଧି ତଥା ଭଗବତ୍ ପ୍ରାପ୍ତିର ସନ୍ଦେଶ ଅଛି । ଶ୍ରୀଦୁର୍ଗାସପ୍ତଶତୀରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଉପରୋକ୍ତ ପ୍ରବୃତ୍ତର-ପ୍ରତୀକ ଦାନବମାନଙ୍କ ବିରୋଧରେ ଯୁଦ୍ଧ କରି ସେମାନଙ୍କୁ ନିପାତ କରିଛନ୍ତି । ଶ୍ରୀଦୁର୍ଗା ସପ୍ତଶତୀରେ ଶୁମ୍ଭ (ଅହଙ୍କାର), ଚଣ୍ଡ(ବଳ), ମୁଣ୍ଡ (ଦର୍ପ), ରକ୍ତବୀର୍ଯ୍ୟ (କାମ), ଧୂମ୍ରଲୋଚନ (କ୍ରୋଧ), ସୁଗ୍ରୀବ (ପରିଗ୍ରହ), ନିଶୁମ୍ଭ (ମମତ୍ୱ ବା ନିଜତ୍ୱ ରୂପକ ଭ୍ରମ)ଙ୍କର ବିନାଶ କରି ତ୍ରିଶକ୍ତି ମହାଦେବୀ ସାତ୍ତ୍ୱିକ ବ୍ୟକ୍ତି ଚରିତ୍ର ଏବଂ ସମୃଦ୍ଧ ସମାଜ ଗଠନର ପ୍ରେରଣା ଦେଇଛନ୍ତି । ଶ୍ରୀଦୁର୍ଗା ସପ୍ତଶତୀରେ ମହିଳା ସଶକ୍ତୀକରଣର ବଳିଷ୍ଠ ସନ୍ଦେଶ ଅଛି । ଶୁମ୍ଭ-ନିଶୁମ୍ଭମାନଙ୍କର ଦୂତ' ସୁଗ୍ରୀବ ମାଧମରେ ଯେତେବେଳେ ଦେବୀଙ୍କୁ ଶୁମ୍ଭ ବା ନିଶୁମ୍ଭକୁ ବିବାହ କରିବାକୁ ପ୍ରସ୍ତାବ ଦିଆଯାଇଛି, ସେତେବେଳେ ଦେବୀ କହିଛନ୍ତି- ତାଙ୍କୁ ଯୁଦ୍ଧରେ ଜୟ କରିପାରିବା ବ୍ୟକ୍ତି ହିଁ ତାଙ୍କର ସ୍ୱାମୀ ହେବେ ।

ଶ୍ରୀଦୁର୍ଗାସପ୍ତଶତୀ କହେ - "ଯୋ ମାଂ ଜୟତି ସଂଗ୍ରାମେ ଯୋ ମେ ଦର୍ପ ବ୍ୟପୋହତି ।ଯୋ ମେ ପ୍ରତିବଳୋ ଲୋକେ ସ ମେ ଭର୍ତ୍ତା ଭବିଷ୍ୟତି ।।

ଏଥିରେ ମା-ଭଉଣୀମାନଙ୍କୁ ଆତ୍ମସଚେତନ ଓ ଆତ୍ମବିଶ୍ୱାସୀ ହେବାକୁ ପ୍ରେରଣା ମିଳେ । ମଧୁକୈଟଭ ବଧରେ ମହାମାୟା ମହାକାଳୀ (ଏଠାରେ ବ୍ରହ୍ମା ଶରଣାଗତ ଏବଂ ବିଷ୍ଣୁ ନିମିତ୍ତମାତ୍ର), ମହିଷାସୁର ବଧରେ ମହାଲକ୍ଷ୍ମୀ (ହରିହରାଦି ଦେବତାମାନଙ୍କର ଜ୍ୟୋତିରୁ ଦେବୀଙ୍କର ସୃଷ୍ଟି ଏବଂ ଦେବୀଙ୍କର ଅସ୍ତ୍ରଦାତା) ମୁଖ୍ୟ ଭୂମିକା ନେଇ ଦାନବମାନଙ୍କୁ ଧ୍ୱଂସ କରିଛନ୍ତି । ଶୁମ୍ଭ-ନିଶୁମ୍ଭ, ଚଣ୍ଡ, ମୁଣ୍ଡ, ଧୂମ୍ରଲୋଚନ, ରକ୍ତବୀର୍ଯ୍ୟଙ୍କର ବଧରେ ଦେବୀ ମହାସରସ୍ୱତୀ ତାଙ୍କର ସହଯୋଗୀ—ବିଭୂତି (ଚାମୁଣ୍ଡା, ବୈଷ୍ଣବୀ, କୁମାରୀ, ବ୍ରାହ୍ମୀ, ନାରସିଂହୀ, ବାରାହୀ, ଶିବା ଓ ଐନ୍ଦ୍ରୀ)ଙ୍କର ସହଯୋଗରେ ସବୁ ଦାନବଙ୍କୁ ଧ୍ୱଂସ କରିଛନ୍ତି । ଏକମାତ୍ର ଭଗବାନ ଶିବ ଶାନ୍ତିଦୂତ ଭୂମିକା ନେଇଥିଲେ । ଏହା ହିଁ ମାତୃଶକ୍ତିର ଶ୍ରେଷ୍ଠତା ଓ ପୁରୁଷ ସହ ସମକକ୍ଷ ବା ଅଧିକ ବୋଲି ଭାରତୀୟ ନାରୀଙ୍କୁ ପ୍ରେରଣା ଦେଇଛି । ମା'ଦୁର୍ଗା ନଅଟି ରୂପରେ- ଶୈଳପୁତ୍ରୀ (ତପସ୍ୟା ଓ ସାଧନାର ପ୍ରତୀକ ହିମାଳୟପୁତ୍ରୀ), ବ୍ରହ୍ମଚାରିଣୀ (ଶୀଳ ଓ ସ୍ୱଭାବରେ ବ୍ରହ୍ମସ୍ୱରୂପିଣୀ), ଚନ୍ଦ୍ରଘଣ୍ଟା (ଅମୃତ ଓ ଆହ୍ଲାଦିନୀ ଶକ୍ତିର ପ୍ରତୀକ ଚନ୍ଦ୍ର), କୁଷ୍ମାଣ୍ଡା (ତ୍ରିଭୁବନର ଦୁଃଖ ଓ ତାପ ଗର୍ଭରେ ଧାରଣ କରିଥିବାରୁ), ସ୍କନ୍ଦମାତା (ବୀର କାର୍ତ୍ତିକେୟଙ୍କର ମାତା), କାତ୍ୟାୟନୀ (କାତ୍ୟାୟନ ଋଷିଙ୍କ (ସଂହାରକାରିଣୀ), ପୋଷଣକାରିଣୀ ଓ ଐଶ୍ୱର୍ଯ୍ୟଦାତ୍ରୀ) ଓ ସିଦ୍ଧିଦାତ୍ରୀ (ଭକ୍ତ, ସାଧକଙ୍କୁ ସିଦ୍ଧି ଓ ଋଦ୍ଧି ଦାତ୍ରୀ) ନବଦିନ ପୂଜାରେ କୁମାରୀ କନ୍ୟା ରୂପରେ ପୂଜିତା ହୁଅନ୍ତି । ସେ ପୁଣ୍ୟାତ୍ମାମାନଙ୍କ ଗୃହରେ 'ଲକ୍ଷ୍ମୀ' ରୂପରେ, ପାପାତ୍ମା ଓ ଅତ୍ୟାଚାରୀମାନଙ୍କ ଗୃହରେ 'ଅଲକ୍ଷ୍ମୀ' ରୂପେ, ସଦ୍ବୁଦ୍ଧି, ପବିତ୍ର ମନ ଓ ନିରହଂକାରୀ ଲୋକଙ୍କ ହୃଦୟରେ ବୁଦ୍ଧି ରୂପରେ, ସତ୍ ଓ ମହାନ୍ ପୁରୁଷଙ୍କ ହୃଦୟରେ ଶ୍ରଦ୍ଧା ରୂପରେ, କୁଳୀନ (କୁଳ ପରମ୍ପରା, ସଂସ୍କୃତି ଓ କୁଳ ମର୍ଯ୍ୟାଦାକୁ ବଜାୟ ରଖୁଥିବା ଲୋକ)ମାନଙ୍କଠାରେ ଲଜ୍ଜ୍ୟା ରୂପରେ କନ୍ୟା), କାଳରାତ୍ରୀ ମହାଗୌରୀ (ଜଗତର ସବୁବେଳେ ବିଦ୍ୟମାନ । ଚତୁର୍ମାସ୍ୟାରେ ଜଗତର ପିତା (ଜଗନ୍ନାଥ-ବିଷ୍ଣୁ) ଶୟନ କରିଥାନ୍ତି ମାତ୍ର ଜଗନ୍ମାତା ମା' ଭଗବତୀ ମହାମାୟା ରୂପରେ ତାଙ୍କର ସବୁ ସନ୍ତାନଙ୍କ ପାଇଁ ସଦା ଜାଗ୍ରତ ଥାଆନ୍ତି । ଭଗବାନ ବିଷ୍ଣୁ ଶୋଇଥିବା ବେଳେ ମହାମାୟା ଜାଗ୍ରତ ଥିବାରୁ ମଧୁକୈଟଭଙ୍କ କବଳରୁ ସ୍ରଷ୍ଟା ବ୍ରହ୍ମା ରକ୍ଷା ପାଇଗଲେ । ଏଥିପାଇଁ ଜଗତରେ ମାତୃଭକ୍ତଙ୍କ ସଂଖ୍ୟା ଅଧିକ ।

## ଆଜିର ଚିନ୍ତନ

ଅଧିକାଂଶ ବ୍ୟକ୍ତି କୁହନ୍ତି କି, ଆମର ଭାଗ୍ୟରେ ଖାଲି ଦୁଃଖ ଲେଖା ହୋଇଛି । ଆଉ ଆମେ କ'ଣ କରି ପାରିବୁ ? ଏମିତି ଭାବିବା ଭୁଲ, ଅଜ୍ଞାନର ଭାବନା ସଂକୀର୍ଣ୍ଣତା ଅଟେ । କାହାର ଜୀବନରେ ଦୁଃଖ ହେଉ କିମ୍ବା ସୁଖ ହେଉ, ଏହା ତା'ର ପୂର୍ବରୁ କରିଥିବା କର୍ମର ପରିଣାମ ଅଟେ । ସୁକର୍ମ କରିକି ମନୁଷ୍ୟ ନିଜର ଭାଗ୍ୟ ବଦଳେଇ ପାରିବ । କିନ୍ତୁ ସେହି ବ୍ୟକ୍ତି ତା'ର କର୍ମ କରିବା ପାଇଁ ଯଦି ତତ୍ପର ଆଉ ପ୍ରସ୍ତୁତ ଥିବ, ଅବଶ୍ୟ ତା'ର ଭାଗ୍ୟରେ ଭାବିଥିବା କଥାର ସଂକୀର୍ଣ୍ଣତା ଦୂର ହୋଇ ପାରିବ । ଆଳସ୍ୟ, ଭୋଗ ବିଳାସୀ ବ୍ୟକ୍ତି ନିଜର ଭାଗ୍ୟ ଆଉ ଭଗବାନଙ୍କୁ ଖାଲି ଗାଳି ଦେଇଥାଏ । ସେମାନେ ଏହାର ଆଗକୁ ଯାଇ ଚିନ୍ତା କରନ୍ତି ନାହିଁ । ସଂସାର ଆଡ଼କୁ ଦେଖନ୍ତି ନାହିଁ । ଗରିବ ଆଉ ଧନୀ ତୁଚ୍ଛ ମଧ ମହାନ ହୋଇପାରେ, ଯଦି ସେ ଗୋଟିଏ ପାଦ ଆଗକୁ ବଢ଼େଇବାକୁ ଚେଷ୍ଟା କରିବ । ଲକ୍ଷ୍ୟ ପ୍ରାପ୍ତି ପାଇଁ ଆଜି ପର୍ଯ୍ୟନ୍ତ କେହି ହାତ ଉପରେ ହାତ ରଖି ବସି ନାହାଁନ୍ତି । ଭାଗବତ ଗୀତାରେ କୁହାଯାଇଛି - କର୍ମ କର, ଫଳର ଆଶା କରନାହିଁ । ବ୍ୟକ୍ତି କର୍ମ କରିବା ପୂର୍ବରୁ ଫଳ ବିଷୟରେ ଭାବିବାକୁ ଲାଗିଥାଏ । ସେ ଯିଏ ହେଉନା କାହିଁକି, କର୍ମ କରିବା ପରେ ହିଁ ଫଳପ୍ରାପ୍ତି ହେଇଥାଏ । ପ୍ରଥମେ ନୁହେଁ । ବୀଜ ବୁଣିଲା ପରେ ଯାଇ ଶସ୍ୟ ଉତ୍ପନ୍ନ ହୋଇଥାଏ । ଯଦି ମନୁଷ୍ୟ ବୀଜ ନବୁଣି କ୍ଷେତକୁ ଫସଲ କାଟିବାକୁ ଯିବ ତା' ହେଲେ ଏହା ତା'ର ମୂର୍ଖାମି । ତାକୁ ନିରାଶର ହାତ ଲାଗିବ । କର୍ମଠ ଲୋକ ନିଜେ ପରିଶ୍ରମ କରି ନିଜର ଭାଗ୍ୟକୁ ବଦଳେଇ ଦେଇ ପାରିବ । ଈଶ୍ୱର ମଧ ପରିଶ୍ରମୀ, ପୁରୁଷାର୍ଥଙ୍କୁ ଫଳ ପ୍ରଦାନ କରନ୍ତି । ଈଶ୍ୱରଙ୍କ ବିଧାନ ହେଲା- ଯିଏ ଯେମିତି କର୍ମ କରିବ ତାକୁ ସେମିତି ଫଳ ମିଳିବ । ପରମାତ୍ମା ପ୍ରଦତ୍ତ ଏହି ମାନବର ମନ ପରିହିତ ପାଇ ପ୍ରାପ୍ତ । ମନୁଷ୍ୟ ନିଜର ଭାଗ୍ୟର ନିର୍ମାଣ ସ୍ୱୟଂ ଅଟେ । ସେ ଯେମିତି ଭାବିଥାଏ ସେମିତି କରିଥାଏ । ଆଳସୀ, କାମଚୋରଙ୍କୁ ଦୁଃଖ ସହିବାକୁ ପଡ଼ିଥାଏ । ଆଉ ପରିଶ୍ରମୀ, ପୁରୁଷାର୍ଥଙ୍କୁ ସୁଖୀ ଆଉ ଆଦନ ପ୍ରାପ୍ତ ହୋଇଥାଏ । କର୍ମ କରି ନିଜ ଭାଗ୍ୟକୁ ବଦଳେଇ ହେବ । ମନୁଷ୍ୟର କର୍ମ ହିଁ ବ୍ରହ୍ମା ଅଟେ । ବ୍ରହ୍ମା ଦ୍ୱାରା ଲିଖିତ ଭାଗ୍ୟରେଖାକୁ କର୍ମରେ ବଦଳେଇବା ସମ୍ଭବ ହୋଇପାରେ ।

# ଦୁର୍ଗାଙ୍କର ଜନ୍ମ ଓ ମହିଷ ମର୍ଦ୍ଦନ

ବୈଦିକ ଋଷିଗଣ ସୃଷ୍ଟିର ଏକମାତ୍ର ସ୍ରଷ୍ଟା ଓ ପାଳକଙ୍କୁ ସ୍ମରଣ କରିଛନ୍ତି । ସେମାନେ କହିଛନ୍ତି - ଯେଉଁ ବ୍ୟକ୍ତି ଏକରୁ ଅଧିକ ଈଶ୍ୱରଙ୍କ ବିଚାର କରେ, ସେ ପଥଭ୍ରଷ୍ଟ ଓ ଦୁର୍ବଳ ହୋଇଯାଏ । ତାହାର ଉପାସନା ସଫଳ ହୁଏ ନାହିଁ । କାଳ ଗତିରେ ଯେତେବେଳେ କ୍ରାନ୍ତଦର୍ଶୀ ଋଷିମାନଙ୍କ ଅଭାବରେ ବେଦଜ୍ଞାନ ପଣ୍ଡିତ ଓ ପୁରୋହିତ ମାନଙ୍କ ହାତକୁ ଆସିଲା, ସେତେବେଳେ ପ୍ରଭୁଙ୍କର ଅନେକ ଗୁଣ ଓ କର୍ମର ଆଧାରରେ ଅନେକ ଦେବଦେବୀ କଳ୍ପିତ ହେଲେ । ସୃଷ୍ଟିର ରଚନା କରିବା ଈଶ୍ୱର, ସୃଷ୍ଟି ପାଳନ କରିବା ଈଶ୍ୱର, ସୃଷ୍ଟିର ସଂହାର କରିବା ଈଶ୍ୱର ଏପରି ଅନେକ ଈଶ୍ୱର କଳ୍ପିତ ହେଲେ । ଏତିକି ନୁହେଁ, ଏହି ଈଶ୍ୱରମାନଙ୍କ ମଧରେ ମନୁଷ୍ୟଙ୍କ ପରି ସ୍ତ୍ରୀ, ପୁରୁଷ, ସେମାନଙ୍କର ଶରୀରଧାରଣ, ଖାଦ୍ୟପେୟ, ପ୍ରଜନନ ଆଦି କଳ୍ପନା କରାଗଲା । ଏକ, ଅଦ୍ୱିତୀୟ, ନିରାକାର, ସର୍ବବ୍ୟାପୀ ଈଶ୍ୱର ଅନେକ ଈଶ୍ୱର ଓ ଈଶ୍ୱରୀ ରୂପରେ ପୂଜିତ ହେଲେ । ଧାନ ଓ ଉପାସନା ମୂର୍ତ୍ତିମାନଙ୍କର ଉପଚାରରେ ପରିଣତ ହେଲା ।

ଦୁର୍ଗା ଏପରି ଏକ କଳ୍ପନା । ତାହାଙ୍କର ଜନ୍ମ ଓ ଜୀବନ ଅନୁଶୀଳନ କରି ଜଣାଯାଏ ଯେ ବ୍ରହ୍ମଚର୍ଯ୍ୟ ପାଳନର ବୈଦିକ ବିଚାର ହେଉଛି ଦୁର୍ଗାପୂଜାର ମୂଳ ଉଦ୍ଦେଶ୍ୟ । ପୁରାଣଗୁଡ଼ିକ ଦୁର୍ଗାଙ୍କର ଜନ୍ମବୃତ୍ତାନ୍ତ ନିମ୍ନ ପ୍ରକାରେ ପ୍ରକାଶ କରିଛନ୍ତି-

ବ୍ରହ୍ମତେଜୁ ଅନଳ ଯେ ହୋଇଲା ସଂଜାତ, ସେ ଅନଳ ମଧୁ ତାଙ୍କ କଳେବର ଜାତ ।

ବିଷ୍ଣୁଙ୍କ ମୁଖରୁ ତାଙ୍କ ମୁଖ ପ୍ରକଟିଲା, ଈଶ୍ୱର ଅଗ୍ନିରୁ ଜାତ ଦନ୍ତପଂକ୍ତି ହେଲା ।

ଚନ୍ଦ୍ର ତେଜ ଅନଳରୁ ନୟନ ପ୍ରକାଶ, ସୂର୍ଯ୍ୟଦେବ ଅଗ୍ନିରୁ ଯେ ନାସିକା ବିକାଶ ।

ଏହି ପ୍ରକାରେ ଦୁର୍ଗା ସମସ୍ତ ଦେବଙ୍କର ଜ୍ୟୋତିରୁ ଜାତ ହୁଅନ୍ତି ।

ବୈଦିକ ସାହିତ୍ୟରେ ମନୁଷ୍ୟର ଇନ୍ଦ୍ରିୟଗୁଡ଼ିକ 'ଦେବ' ଆଖ୍ୟା ଦିଆଯାଇଛି ଯେପରି - 'ଉତ୍ତିଷ୍ଠ ବ୍ରହ୍ମଣସ୍ପତେ ଦେବାନ୍ ଯଜ୍ଞେନ ବୋଧେୟ । ଆୟୁ ପ୍ରାଣଂ ପ୍ରଜାଂ ପଶୁଂ କୀର୍ତ୍ତିଂ ଯଜମାନଂ ଚ ବର୍ଧୟ ।' (ଅଥର୍ବବେଦ- ୧୯, ୬୩,୧)

ଅର୍ଥାତ୍ ହେ ଆତ୍ମନ୍! ଜାଗ୍ରତ ହୁଅ । ଇନ୍ଦ୍ରିୟରୂପୀ ଦେବମାନଙ୍କୁ ଶୁଭ କାର୍ଯ୍ୟରେ ନିଯୁକ୍ତ କର । ତା' ଫଳରେ ଆୟୁ, ପ୍ରାଣ ସନ୍ତାନ, ପଶୁ କୀର୍ତ୍ତି ଓ ସଂକଳ୍ପବାନ ବିଚାର ପ୍ରକାଶିତ ହୁଅନ୍ତୁ ।

ଇନ୍ଦ୍ରିୟଗୁଡ଼ିକ ଦେବ ଅଟନ୍ତି । ବ୍ରହ୍ମାଣ୍ଡର ଅଗ୍ନି ଦେବତା ବାଣୀରେ, ସୂର୍ଯ୍ୟଦେବତା ଚକ୍ଷୁରେ, ବାୟୁ ଦେବତା ପ୍ରାଣରେ, ଚନ୍ଦ୍ର ଦେବତା ମନରେ- ଏହିପରି ସକଳ ଦେବତା ମନୁଷ୍ୟ ଶରୀରରେ ବିଦ୍ୟମାନ । ବେଦରେ ଦେବର ଅର୍ଥ ଦାନାଦାତା, ପ୍ରକାଶକ, ସ୍ୱୟଂ ପ୍ରକାଶିତ । ସେହି ଦୃଷ୍ଟିରୁ ଅଗ୍ନି, ବାୟୁ-ଏ ସକଳ ଜଡ଼ ଦେବତା । ସେହିପରି ମାତା, ପିତା, ଆଚାର୍ଯ୍ୟ ଆଦି ଚେତନ ଦେବତା ।

ଦୁର୍ଗା ଇନ୍ଦ୍ରିୟରୂପୀ ଦେବମାନଙ୍କର ସଂଯମ ବା ବଳିଦାନରୁ ଉତ୍ପନ୍ନ ହୁଅନ୍ତି । ସେଥିରୁ ଯେଉଁ ସାମର୍ଥ୍ୟ ଜାତ ହୁଏ, ତାହା ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟର ଉଦୟ ଫଳରେ ଦେହରେ ଜ୍ୟୋତି ଓ ମନରେ ଘୂର୍ତ୍ତି ଜାତ ହୁଏ, ତାହା ବ୍ରହ୍ମଚର୍ଯ୍ୟ । ବ୍ରହ୍ମ (ଅର୍ଥାତ୍ ମହାନ୍) + ଚର୍ଯ୍ୟ (ଅର୍ଥାତ୍ ଆଚରଣ) ।

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ


ଶ୍ରୀକ୍ଷେତ୍ର
ବର୍ଷ ୨୬, ସଂଖ୍ୟା- ୪୦, ୨ - ୮ ଅକ୍ଟୋବର ୨୦୨୨

## ଦେଶର ସର୍ବାଧିକ ହାତୀ ମୃତ୍ୟୁ ଓଡ଼ିଶାରେ

ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ ଶେଷ ହେବା ଭଳି ମନେ ହେଉନାହିଁ । ଏଥି ଯୋଗୁଁ ବ୍ୟାପକ ଧନଜୀବନ ଓ ଫସଲ ହାନି ଘଟୁଛି । ରାଜ୍ୟରେ ଗତ ୩ ବର୍ଷ ଅର୍ଥାତ୍ ୨୦୧୯-୨୦ରୁ ୨୦୨୧-୨୨ ଯାଏ ହାତୀ ଆକ୍ରମଣରେ ୩୨୨ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ଦେଶରେ ସର୍ବାଧିକ । ଏହି ସମୟ ମଧ୍ୟରେ ଦେଶରେ ହାତୀ ଆକ୍ରମଣରେ ୧୫୭୮ ଜଣଙ୍କ ପ୍ରାଣହାନି ଘଟିଛି । କେବଳ ମଣିଷ ନୁହେଁ, ବିଭିନ୍ନ କାରଣରୁ ହାତୀମୃତ୍ୟୁ ମଧ ଚିନ୍ତାଜନକ ରହିଛି । ପ୍ରାଣୀ ପ୍ରେମୀମାନଙ୍କ କହିବାନୁଯାୟୀ, ଓଡ଼ିଶାରେ ଘଞ୍ଚ ଜଙ୍ଗଲ ଉଜୁଡୁଥିବା ଯୋଗୁଁ ବନ୍ୟପ୍ରାଣୀଙ୍କ ବାସସ୍ଥାନ, ଖାଦ୍ୟ ଓ ପାନୀୟ ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ତାହାର କୁପରିଣାମ ସ୍ୱରୂପ ମଣିଷଙ୍କୁ ବହୁମୂଲ୍ୟ ଦେବାକୁ ପଡୁଛି । ବନ୍ୟପ୍ରାଣୀ ମଧ ନିଶ୍ଚିହ୍ନ ହେବାକୁ ଲାଗିଲେଣି । ପାର୍ଲାମେଣ୍ଟର ଗତ ଅଧିବେଶନରେ କେନ୍ଦ୍ର କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ସୂଚନା ଅନୁଯାୟୀ ହାତୀ ଆକ୍ରମଣରେ ଓଡ଼ିଶାରେ ୨୦୧୯-୨୦ରେ ୧୧୭ଜଣଙ୍କ ମୃତ୍ୟୁ ଘଟିଛି । ସେହିପରି ୨୦୨୦-୨୧ ଏବଂ ୨୦୨୧-୨୨ରେ ଯଥାକ୍ରମେ ୯୩ ଏବଂ ୧୧୨ଜଣ ଲୋକ ପ୍ରାଣ ହରାଇଛନ୍ତି । ତେବେ ଏହି ୩ ବର୍ଷ ମଧ୍ୟରେ ଓଡ଼ିଶାରେ ୨୪୫ ହାତୀଙ୍କ ଜୀବନ ଯାଇଛି । ସେଥି ମଧ୍ୟରେ ୨୦୧୯-୨୦ରେ ୮୨, ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ଟି ହାତୀଙ୍କ ମୃତ୍ୟୁ ଘଟିଛି । ଢେଙ୍କାନାଳ ଡିଭିଜନରେ ସର୍ବାଧିକ ୩୫, କେନ୍ଦୁଝର ଡିଭିଜନରେ ୨୧, ଅନୁଗୋଳ ଡିଭିଜନରେ ୧୨, ଦେବଗଡ଼ ଓ ଆଠମଲ୍ଲିକ ଡିଭିଜନରେ ୧୧ ଲେଖାଏଁ ଏବଂ କଳାହାଣ୍ଡି(ଦକ୍ଷିଣ) ବାଲେଶ୍ୱର, ଖୋର୍ଦ୍ଧା ଡିଭିଜନରେ ୧୦ ଲେଖାଏ ହାତୀମୃତ୍ୟୁ ଘଟିଛି । ଶିକାର, ବିଦ୍ୟୁତ୍ ଆଘାତ, ଟ୍ରେନ୍ ଧକ୍କା ଏବଂ ସଡ଼କ ଦୁର୍ଘଟଣା ଆଦି କାରଣରୁ ଏହି ବୃହଦାକାୟ ଜୀବ ପ୍ରତି ବିପଦ ଘନଉଛି । ଗତ ଦଶନ୍ଧି (୨୦୧୨-୧୩ରୁ ୨୦୨୧-୨୨)ରେ ରାଜ୍ୟରେ ମୋଟ ୭୮୪ ହାତୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ତଥ୍ୟ କହୁଛି । ସେଥି ମଧ୍ୟରେ ଦୁର୍ଘଟଣାଜନିତ ସଂଖ୍ୟା ୩୬ ରହିଛି । ଏଥିରୁ ୩୦ଟି ହାତୀମୃତ୍ୟୁ ଟ୍ରେନ ଧକ୍କାରେ ଘଟିଛି । ହେଲେ ସରକାରୀ ତଥ୍ୟଠାରୁ ବହୁ ଅଧିକ ହାତୀଙ୍କ ଜୀବନହାନି ଘଟିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି । କାରଣ ଗତ ଜୁନ୍ ଏବଂ ଜୁଲାଇରେ କଟକ ଜିଲା ଆଠଗଡ଼ ବନଖଣ୍ଡରେ ୫ ହାତୀଙ୍କ ଗଳିତ ମୃତଦେହ ଏବଂ କଙ୍କାଳ ଠାବ ହୋଇଥିଲା । ଉପରୋକ୍ତ ସଂଖ୍ୟାରୁ ସ୍ପଷ୍ଟ ହେଉଛି ଯେ, ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ କେତେ ଗୁରୁତର । କେବଳ ଜୀବନହାନି ନୁହେଁ, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ହାତୀପଲ ବହୁ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ଉଜାଡ଼ି ଦେଉଛନ୍ତି । ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ହ୍ରାସ ଏବଂ ଲୋକଙ୍କ ଆଚରଣ ଯୋଗୁଁ ରାଜ୍ୟରେ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି । ଆମ ରାଜ୍ୟରେ ଜଙ୍ଗଲ ରହିଛି । ହେଲେ ଖାଦ୍ୟ ଓ ପାଣି ଅଭାବ ଭଳି ବିଭିନ୍ନ କାରଣରୁ ତାହା ହାତୀଙ୍କ ପାଇଁ ଉପଯୁକ୍ତ ହୋଇ ରହିନାହିଁ । ଫଳରେ ସେମାନେ ଜନପଦମୁହାଁ ହେଉଛନ୍ତି । ଏହାଛଡ଼ା ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ପାଇଁ ବନାଞ୍ଚଳଗୁଡ଼ିକ ମଧ୍ୟରେ ଥିବା ପ୍ରାକୃତିକ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଛି । ଏଭଳି ପରିସ୍ଥିତିର ନିରାକରଣ ଏହା ଯେ, ଜଙ୍ଗଲରେ ହାତୀଙ୍କ ସମସ୍ତ ଆବଶ୍ୟକତା ଉପଲବ୍ଧ ହେବା । ସେହିପରି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଅନ୍ୟ ଫସଲ ଚାଷ କରିବାକୁ ପ୍ରବର୍ତ୍ତାଇବା ଏବଂ ହାତୀଙ୍କ ସହ କିଭଳି ଆଚରଣ କରାଯିବା ଉଚିତ ସେନେଇ ସେମାନଙ୍କୁ ଶିଖାଇବାକୁ ହେବ ।

## ଦୁର୍ଗାଙ୍କର ଜନ୍ମ .... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ବ୍ରହ୍ମଚର୍ଯ୍ୟ ହେଉଛି ଶ୍ରେଷ୍ଠ ଆଚରଣ । ବ୍ରହ୍ମଚର୍ଯ୍ୟ-ପାଳନରୁ କୁତ୍ସିତ ବିଚାର ଦୂର ହୁଏ । ଶୁଭ ସଂକଳ୍ପ ଉତ୍ପନ୍ନ ହୁଏ । ଶରୀର ରୋଗାକ୍ରାନ୍ତ ହୁଏ ନାହିଁ । ତାହା ଶତ୍ରୁ ନିମନ୍ତେ ଅଜେୟ ଓ ଦୁର୍ଗମ ହୁଏ । ଦୁର୍ଗ ଓ ସ୍ତ୍ରୀ ଲିଙ୍ଗରେ ଦୁର୍ଗା ପାଲଟି ଯାଏ । ବ୍ରହ୍ମଚର୍ଯ୍ୟପାଳନ ଦ୍ୱାରା ସ୍ତ୍ରୀ ଓ ପୁରୁଷ ମୋକ୍ଷ ମାର୍ଗରେ ଗତି କରନ୍ତି । ବ୍ରହ୍ମଚର୍ଯ୍ୟର ପବିତ୍ର ବିଚାର ଦେହର ଆଳସ୍ୟ ଓ ମନର ପ୍ରମାଦ ଦୂର କରେ । ପଶୁମାନଙ୍କ ମଧ୍ୟରେ ମହାଷ ହେଉଛି ଅତ୍ୟଧିକ ଆଳସ୍ୟ ପରାୟଣ । ମହିଷ-ମର୍ଦ୍ଦନର ଅର୍ଥ ଆଳସ୍ୟ ତ୍ୟାଗ । ଦୁର୍ଗା ମହିଷ-ମର୍ଦ୍ଦିନୀ ଅର୍ଥାତ୍ ମନୁଷ୍ୟର ବ୍ରହ୍ମଚର୍ଯ୍ୟ ଶକ୍ତି ତାକୁ ଆଳସ୍ୟଶୂନ୍ୟ ଓ କର୍ମତତ୍ପର କରେ । ବ୍ରହ୍ମଚର୍ଯ୍ୟ ହିଁ ଜୀବନରୁ ମୃତ୍ୟୁର ଚିହ୍ନକୁ ଦୂର କରେ । ତେଣୁ ଅଥର୍ବବେଦ କହିଛନ୍ତି - 'ବ୍ରହ୍ମଚର୍ଯ୍ୟ ତପସା ଦେବା ମୃତ୍ୟୁମ୍ ଅପାଘ୍ନତ' ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ରୂପକ କଠୋର ତପ ଦ୍ୱାରା ଇନ୍ଦ୍ରିୟମାନେ ମୃତ୍ୟୁରୁ ଉଦ୍ଧାର ପାଆନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ ଦୁର୍ଗା-ବୃତ୍ତାନ୍ତ ମାନବୀୟ ଶକ୍ତିର ମାହାତ୍ମ୍ୟ ପ୍ରତିପାଦନ କରେ । ତେଣୁ ଦୁର୍ଗୋତ୍ସବ କାଳରେ ବ୍ୟାୟାମ ପ୍ରଦର୍ଶନ, ଯମ-ନିୟମାଦି ଯୋଗାଙ୍ଗର ଉପଦେଶ କରିବା ବିଧେୟ । ଆମ ଉତ୍ସବଗୁଡ଼ିକର ମୌଳିକ ରୂପକୁ ପୁନରୁଦ୍ଧାର କରିବା ପ୍ରତ୍ୟେକ ଚିନ୍ତାଶୀଳ ନରନାରୀର ପବିତ୍ର କର୍ତ୍ତବ୍ୟ ଅଟେ ।



## ବୃହତ୍ ଶକ୍ତିମାନେ ଏବଂ ନିରସ୍ତ୍ରୀକରଣ

ମହାତ୍ମା ଗାନ୍ଧୀ

ଯେକୌଣସି ଦିନ ଅହିଂସାକୁ ଗ୍ରହଣ କରି ଗୌରବ ଅର୍ଜନ କରିବା ଏବଂ ଭବିଷ୍ୟତ ବଂଶଧରମାନଙ୍କର ଚିରନ୍ତନ କୃତଜ୍ଞତା ଲାଭ କରିବା ଲାଗି ବୃହତ୍ ଶକ୍ତିମାନଙ୍କ ପାଇଁ ରାସ୍ତା ଖୋଲା ରହିଛି । ଯଦି ସେମାନେ ବା ସେମାନଙ୍କ ଭିତରୁ କେହି ଗୋଟିଏ ବିନାଶ ହୋଇ ଯିବାର ଭୟଟିକୁ ପରିତ୍ୟାଗ କରିବେ ଓ ଆପଣାର ଅସ୍ତ୍ର ଛାଡ଼ିଦେବେ, ତେବେ ଅତ୍ୟନ୍ତ ସ୍ୱାଭାବିକଭାବରେ ହିଁ ସେମାନେ ଅନ୍ୟମାନଙ୍କୁ ମଧ ନିଜର ବିବେକକୁ ଫେରି ପାଇବାରେ ସାହାଯ୍ୟ କରିବେ । ମାତ୍ର, ସେହି କ୍ଷେତ୍ରରେ, ଏହି ବୃହତ୍ଶକ୍ତିମାନଙ୍କୁ ପୃଥିବୀର ତଥାକଥି ଅସଭ୍ୟ ବା ଅର୍ଦ୍ଧସଭ୍ୟ ଜାତିମାନଙ୍କ ଉପରେ କରି ଆସିଥିବା ଶୋଷଣ ତ୍ୟାଗ କରିବାକୁ ହେବ, ଆପଣାର ସମ୍ରାଜ୍ୟବାଦୀ ନାନା ମହତ୍ତ୍ୱାକାଂକ୍ଷାକୁ ପରିହାର କରିବାକୁ ପଡ଼ିବ ଏବଂ ଆପଣାର ଜୀବନଶୈଳୀକୁ ବଦଳାଇ ଦେବାକୁ ହେବ । ଏହା ପ୍ରକୃତରେ ଏକ ପୂର୍ଣ୍ଣ ବିପ୍ଳବକୁ ବୁଝାଉଛି । ବୃହତ୍ ଜାତିମାନେ ନିଜର ମୂଲ୍ୟବୋଧ ଅନୁସାରେ ବିଜୟ ପରେ ବିଜୟ ହାସଲ କରି ଯେଉଁ ଦିଗରେ ଗତି କରି ଆସିଛନ୍ତି, ତାହାକୁ ବଦଳାଇ ସେମାନେ ସ୍ୱତଃସ୍ଫୁର୍ତ୍ତ ଭାବରେ ଏକ ବିପରୀତ ଦିଗରେ ଗତି କରିବେ ବୋଲି ସାଧାରଣତଃ କ୍ୱଚିତ୍ ପ୍ରତ୍ୟାଶା କରାଯାଇ ପାରିବ । ମାତ୍ର, ପୂର୍ବେ ଅନେକ ଅଲୌକିକ ଘଟଣା ଘଟିଛି ଏବଂ ଏହି ଅତ୍ୟନ୍ତ ନୀରସ ଯୁଗଟିରେ ମଧ ତଥାପି ଘଟିପାରିବ । ଭୁଲ୍ ବଦଳାଇ ଠିକ୍‌ରେ ପରିଣତ କରିବାକୁ ଈଶ୍ୱରଙ୍କର ଯେଉଁ କ୍ଷମତା ରହିଛି, ତାହାକୁ ସୀମିତ କରି ରଖିବାକୁ କାହାର ସାହସ ରହିଛି ? ଗୋଟିଏ କଥା ସଂପୂର୍ଣ୍ଣ ନିଶ୍ଚିତ । ଯଦି ଅସ୍ତ୍ର ବଢ଼ାଇବାର ଏହି ଉନ୍ମତ୍ତ ପ୍ରତିଯୋଗିତା ଏହିପରି ଚାଲେ, ତେବେ ପରିଣାମରେ ତାହା ଏପରି ଏକ ସଂହାରଲୀଳାକୁ ଡ଼ାକି ନେଇଆସିବ, ଇତିହାସରେ ଯାହାର କି ଆଦୌ କୌଣସି ପଟାନ୍ତର ନାହିଁ । ଯଦି ବିଜେତା ବୋଲି କେହି ବାକୀ ରହିଯାନ୍ତି, ତେବେ ସେହି ବିଜୟ ବିଜୟୀ ହୋଇଥିବା ଜାତିଟି ସକାଶେ ଏକ ଜୀବନ୍ତ ମୃତ୍ୟୁସଦୃଶ ହେବ । ବିନା ସର୍ତ୍ତରେ ଓ ସାହସର ସହିତ ଅହିଂସାର ମାର୍ଗଟିକୁ ଏହାର ସମସ୍ତ ଗୌରବମୟ ତାତ୍ପର୍ଯ୍ୟ ସହିତ ଗ୍ରହଣ କରିନେବା ବ୍ୟତୀତ ଆସନ୍ତ ସର୍ବନାଶରୁ ରକ୍ଷା ପାଇବା ନିମନ୍ତେ ଆଉ କୌଣସି ବାଟ ନାହିଁ ।

--ଠଠ--

## ଭାରତୀୟ ସଂସ୍କୃତିରେ ଶକ୍ତିମୟୀ ଦୁର୍ଗା

ଆମ ଜନ୍ମଭୂମି ଭାରତବର୍ଷ ସ୍ୱୀୟ ପ୍ରାକ୍ତନୀ ସଂସ୍କୃତି, ସମୃଦ୍ଧା, ସଭ୍ୟତା, ପୁରାଣସିଦ୍ଧା, ସଦାଚାରିସିଦ୍ଧା ଓ ନାରୀ ସମ୍ମାନିତା ଯୋଗୁଁ ସମଗ୍ର ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରିପାରିଛି । ଏହି ଉତ୍କଳ ଭୂମିର ମହତ୍ତ୍ୱକୁ ମୁକ୍ତ କଣ୍ଠରେ ଗାନ କରିଛନ୍ତି ତ୍ରିଦର୍ଶୀ କପିଳ ମହର୍ଷି -

ବର୍ଷାଣୀ ଭାଗତଃ ଶ୍ରେଷ୍ଠଃ ଦେଶନାମୁତ୍କଳ ସ୍ମୃତଃ ।

ଉତ୍କଳସ୍ୟ ସମୋଦେଶୋ ଦେଶୋନାସ୍ତି ମହୀତଳେ ।।

ଏହି ସଂସ୍କୃତି ସମ୍ପର୍ଣ୍ଣ ଉତ୍କଳୀୟ ଭୂଖଣ୍ଡରେ କେଉଁ ପ୍ରାଚୀନ କାଳରୁ ଶକ୍ତିପୂଜାର ପରମ୍ପରା ଅଦ୍ୟାବଧି ପ୍ରଚଳିତ । ଯଦି ଆମେ ବିଭିନ୍ନ ଶାସ୍ତ୍ରର ସ୍ୱର୍ଣ୍ଣମୟୀ ପୃଷ୍ଠା ଓଲଟାଇବା ତେବେ ଆମେ ଉପଲବ୍ଧି କରିବା ଯେ, ସମସ୍ତ ଶକ୍ତିର ମୂଳମନ୍ତ୍ର ଦେବୀ ଦୁର୍ଗା ସେ ବିଭିନ୍ନ ନାମ ଓ ରୂପରେ ବନ୍ଦିତା ଯଥା:-

ପ୍ରଥମମ୍ ଶୈଳପୁତ୍ରୀଞ୍ଚ ଚ, ଦ୍ୱିତୀୟମ୍ ବ୍ରହ୍ମଚାରିଣୀ
ତୃତୀୟମ୍ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍
ପଞ୍ଚମମ୍ ସ୍କନ୍ଦମାତେତି, ଷଷ୍ଠ କାତ୍ୟାୟନୀ ତଥା
ସପ୍ତମ୍ କାଳରାତ୍ରେତି, ମହାଗୌରୀତି ଚାଷ୍ଟମମ୍
ନବମ୍ ସିଦ୍ଧଦାତ୍ରି ଚ, ନବଦୁର୍ଗା ପ୍ରକିର୍ତ୍ତିତା ।

ଏହି ମହାଶକ୍ତି ହିଁ ଗୋଲକରେ ଶ୍ରୀରାଧା, ସାକେତରେ ଶ୍ରୀ ସୀତା, କ୍ଷୀରୋଦ ସାଗରରେ ଲକ୍ଷ୍ମୀ, ଦକ୍ଷକନ୍ୟା ସତୀ, ଦୁର୍ଗତିନାଶିନୀ ମେନକାପୁତ୍ରୀ ଦୁର୍ଗା ଅଟନ୍ତି । ସେ ମଧ ବାଣୀ ବିଦ୍ୟା ସରସ୍ୱତୀ, ସାବିତ୍ରୀ ଏବଂ ଗାୟତ୍ରୀ ଅଟନ୍ତି । ଏହି ମହାଶକ୍ତି ହିଁ ସର୍ବ କାରଣ ରୂପା ପ୍ରକୃତିର ଆଧାର ଭୂତ ହେବାର ମହାକାରଣ ଅଟେ । ସେ ମାୟାଧିଶ୍ୱରୀ ଅଟନ୍ତି । ସେହିଁ ସର୍ଜନ ପାଳନ ସଂହାର କାରିଣୀ ଆଦ୍ୟା ନାରାୟଣୀ ଶକ୍ତି ଅଟନ୍ତି । ସେ ପ୍ରକୃତିର ବିସ୍ତାର ସମୟରେ ଭର୍ତ୍ତା, ଭୋକ୍ତା ଓ ମହେଶ୍ୱର ଅଟନ୍ତି । ପରା ଓ ଅପରା ଦୁଇ ପ୍ରକୃତିର ସର୍ଜନା ତାଙ୍କରି ! ଯେଉଁଥିରେ ଦ୍ୱୈତ, ଅଦ୍ୱୈତର ସମାବେଶ ପ୍ରକୃତିରେ ସେ ପ୍ରକାଶିତ ହୁଅନ୍ତି ।

ସେହି ଶକ୍ତିମୟୀ ଦୁର୍ଗାଙ୍କର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ ପାଉଥିଲେ ସୁଦ୍ଧା ବାସ୍ତବିକ ଦେବୀ ହେଉଛନ୍ତି ତ୍ରିଗୁଣାତ୍ମିକା, ପତିତ ଜନଙ୍କ ବିଘ୍ନ, ଦୁଃଖ, ଶୋକ, ଯଥା ନରକ ଯନ୍ତ୍ରଣାରୁ ତାରଣ କରନ୍ତି ବୋଲି ସେ ଦୁର୍ଗା । ଏହାଛଡ଼ା ଦେବତାମାନଙ୍କର ଦୁର୍ଗତି ସମୟରେ ସେମାନଙ୍କ ତେଜରୂପୀ ଅନଳରୁ ଜନ୍ମ ନେଇଥିବା ନାରୀ ମୂର୍ତ୍ତିକୁ ବ୍ରହ୍ମା ଦୁର୍ଗା ରୂପେ ଆରାଧନା କରିଥିଲେ । ଅନେକଙ୍କ ମତରେ, ଦୁର୍ଗା ନାମକ ରାକ୍ଷସକୁ ବଧ କରିଥିବାରୁ ସେ ଦୁର୍ଗା ନାମରେ ଅଭିହିତା । ସେ ସୃଷ୍ଟି, ସ୍ଥିତି ଓ



ପ୍ରଳୟକାରିଣୀ । ତେଣୁ ପୁରାତନ କାଳରୁ ଶକ୍ତିର ବୈଶିଷ୍ଟ୍ୟତା ଯୁଗେ ଯୁଗେ ମହାନ୍ ଭାବେ ପ୍ରତିପାଦିତ ହୋଇ ଆସୁଛି । ନାରୀ ସୃଷ୍ଟିକର୍ତ୍ତ୍ରୀ ସେ ଯଦିଓ ଅବଳା, ଦୁର୍ବଳା, ମାତୃତୁଲ୍ୟା, ସହନଶୀଳାନୀ ସତ୍ୟ କିନ୍ତୁ ତା'ର ସୃଷ୍ଟି ଯେତେବେଳେ କୌଣସି ଆସୁରିକ ଶକ୍ତି ଦ୍ୱାରା ଅତ୍ୟାଚାରିତ ଓ ପୀଡ଼ିତ ହୁଏ ସେତେବେଳେ ଦେବୀଶକ୍ତିର ଆବିର୍ଭୂତ ହୋଇ ମାତୃଶକ୍ତି ଭାବେ ଆସୁରିକ ଶକ୍ତିକୁ ବିନାଶ କରିଥାଏ । ତେଣୁ ସେ ଦୁର୍ଗତିନାଶିନୀ ଅଟନ୍ତି । ସେହି ଶକ୍ତିମୟୀ ମା' ଦୁର୍ଗାଙ୍କର ଧ୍ୟାନ ଏହିପରି ନିରୂପିତ ହୋଇଛି -

କାଳାଭ୍ରାଭାଂ କଟାକ୍ଷୌରରୀ କୁଳଭୟଦାଂ,
ମୌଳି ବନ୍ଧେନ୍ଦୁ ରେଖା
ଶଙ୍ଖ ଚକ୍ର କୃପାଣ ତ୍ରିଶିଖମପି, କରୌ
ରୁଦ୍ଧହନ୍ତୀ ତ୍ରିନେତ୍ରାମ୍
ସିଂହସ୍କନ୍ଧାଧି ରୂଢ଼ା ତ୍ରିଭୁବନ ମଖିଳଂ, ତେଜସା
ପୂରୟନ୍ତୀ
ଧାୟେଦ୍ ଦୁର୍ଗା ଜୟାଖ୍ୟାଂ ତ୍ରିଦଶପରିବୃତାଂ,
ସେ ବିତାଂ ସିଦ୍ଧିକାମୈଃ ।

ସିଦ୍ଧିଲାଭ ଇଚ୍ଛା କରୁଥିବା ପୁରୁଷ ଯାହାର ସେବା କରନ୍ତି ଯଥା ଦେବତା ଯାହାଙ୍କୁ ସର୍ବଦିଗରୁ ଘେରି ରହନ୍ତି, ସେହି ଜୟା ନାମ୍ନୀ ଦୁର୍ଗା ଦେବୀଙ୍କ ଧ୍ୟାନ କରି ତାଙ୍କର ଶ୍ରୀ ଅଙ୍ଗର ଆଭା କଳାମେଘ ପରି ଶ୍ୟାମ ଅଟେ । ସେ ନିଜ କଟାକ୍ଷରେ ଶତ୍ରୁ ସମୁଦାୟକୁ ଭୟ ଦେଖାଉଥିବା, ତାଙ୍କ ମସ୍ତକରେ ଆବଦ୍ଧ ଚନ୍ଦ୍ରମାର ରେଖା ଶୋଭା ପାଉଥାଏ । ସେ ନିଜ ହସ୍ତରେ ଶଙ୍ଖ, ଚକ୍ର, କୃପାଣ ଓ ତ୍ରିଶୂଳ ଧାରଣ କରି ସିଂହ କାନ୍ଧରେ ଆରୂଢ଼ ହୋଇ ନିଜ ତେଜର ତିନିଲୋକଙ୍କୁ ପରିପୂର୍ଣ୍ଣ କରୁଛନ୍ତି ।

ଯଦିଓ କଳି ତନ୍ତୌକ୍ ବେଳକମ୍ ମାତ୍ର ଆଜି ନାରୀଶକ୍ତି କଳୁଷିତ ହୋଇଯାଇଛି । ଏହାର କାରଣ ନିଜେ ହିଁ ନାରୀ ସମାଜ । ଯେଉଁମାନେ ନାରୀର ମର୍ଯ୍ୟାଦା ନିଜେ ନିଜେ ହରାଇବା ସହ ଭୁଲି ଯାଇଛନ୍ତି ସେହିମାନେ ହିଁ ସକଳ ଶକ୍ତିର ଉତ୍ସ । ଅତୀତର ଯଦି ପୁରାଣ ପୃଷ୍ଠାକୁ ରୋମନ୍ଥନ କରାଯାଏ, ତେବେ ଦୁଇଟି ନାରୀ ଯୋଗୁଁ ଦୁଇଟି ମହାକାବ୍ୟର ସୃଷ୍ଟି । ଏକ ପକ୍ଷରେ ରାମାୟଣରେ ଗୋଟିଏ ନାରୀକୁ ରାବଣ ଅପହରଣ କଲା । ଫଳରେ ଲଙ୍କା ଧ୍ୱଂସ ଓ ବଂଶ ନାଶ । ଅନ୍ୟ ପଟେ ମହାଭାରତରେ ମହାନୁଭବ ଦିଗ୍ଦର୍ଶୀ ବିଦୁଷମାନଙ୍କ ସଭାରେ ନାରୀକୁ ଉଲଗ୍ନ କରାଗଲା । ଫଳ ହେଲା ବଂଶ ନିପାତ । ଆମ ସମାଜରେ ତଥାକଥିତ ଯୁବକବନ୍ଧୁ ତଥା ଦୁଷ୍ଚରିତ୍ର ବ୍ୟକ୍ତି ବିଶେଷ ଜାଣି ସୁଦ୍ଧା ଏହି ଶକ୍ତି ସ୍ୱରୂପିଣୀ ମାତୃଶକ୍ତିର ଅନ୍ତର୍ନିହିତ ଆଧାତ୍ମିକ ମୂଲ୍ୟବୋଧକୁ କେହି ବୁଝିବା ପାଇଁ ଅନିଚ୍ଛୁକ । ଗୋଟିଏ ଦ୍ରୌପଦିଙ୍କୁ ଉଲଗ୍ନ କଲା ବୋଲି କୌରବ ବଂଶ ଧ୍ୱଂସ ହେଲା । ମାତ୍ର ଆଜି ଲକ୍ଷ ଲକ୍ଷ ଦ୍ରୌପଦି ବିଜ୍ଞାପନ ଦାତା ଦୁଃଶାସନ ହାତରେ ହାତବାରିଶି ହୋଇ ଉଲଗ୍ନ ହୋଇ ବୁଲୁଛନ୍ତି । ମାତ୍ର ତାଙ୍କୁ ବସ୍ତ୍ର ଦେବାକୁ ନାରାୟଣ ଆବିର୍ଭାବ ହେଉନାହାନ୍ତି । କାରଣ ନାରୀ ଆଜି ତା'ର ନାରୀତ୍ୱକୁ ବନ୍ଧାପକାଇଛି । ଆଜିର ପୂଜାମଣ୍ଡପରେ ନା ନୀତି ଅଛି ନା ନୈତିକତା । ଅଶ୍ଳୀଳ ସଙ୍ଗୀତର ମୂର୍ଚ୍ଛନାରେ ପାଶ୍ଚାତ୍ୟ ସଭ୍ୟତାର ଛାପ ନେଇ ନବ ସଭ୍ୟସମାଜ ରଙ୍ଗୀନ ମହଲରେ ମତୁଆଲା ପ୍ରାୟ ଡାକବାଜି ଯନ୍ତ୍ରରେ ପୂଜକର ଶ୍ଳୋକାବୃତ ଅଶ୍ଳୀଳ ସଙ୍ଗୀତର ମୂର୍ଚ୍ଛନାରେ ଫିକା ପଡ଼ିଯାଉଛି ।

ମା'ଶକ୍ତିମୟୀ ତୁ ତ ସକଳ ଶକ୍ତିର ମୂଳମନ୍ତ୍ର । ଏ ସମାଜ ଆଜି କଳୁଷିତ, ପୃଥିବୀ ଆଜି ଧ୍ୱଂସାଭିମୁଖୀ ତୁମର କରୁଣାର ବାରି ସଞ୍ଚନ ପୂର୍ବକ ଏ ସମାଜ ତଥା ପଥଭ୍ରଷ୍ଟା ଯୁବଗୋଷ୍ଠୀ, ରାଜନେତା, ଅଶୋଭନୀୟା ନାରୀ ଏ ସମସ୍ତଙ୍କ ମନରେ ସଦ୍‌ବୁଦ୍ଧି ପ୍ରଦାନ କରି ସେମାନଙ୍କୁ ସତ୍ ମାର୍ଗରେ ପରିଚାଳିତ କର ମା' । ତୁମେ ମଙ୍ଗଳ ପ୍ରଦାୟୀନି, ଶକ୍ତି ପ୍ରଦାୟିନି... ସତ୍ୟ ପଥରେ ଆଗକୁ ବଢ଼ିଯିବା ପାଇଁ ତୋର ଶରତର ମହାପାର୍ବଣ ପୂଜାରେ, ସନ୍ତାନ ମାନଙ୍କୁ ଶକ୍ତି ପ୍ରଦାନ କର ମା' । ନୂତନ ସୃଷ୍ଟିର ସୃଜନା ପାଇଁ ଆଶିର୍ବାଦ ଦିଅ ମା' । ଏତିକି ପାଦରେ ନିବେଦନ ।

# ସ୍ୱର୍ବେଦ

**ତ୍ରିନାକ ତ୍ରିଦେଓ୍ୱ ତ୍ରିପୃଷ୍ଟ କୋ,**
**ଅଓ୍ୱର କେ ପୃଷ୍ଟ ।**
**ସନ୍ତ ଓ୍ୱିଓ୍ୱେକୀ ଜାନହୀଁ, ମିଲୈ ବ୍ରହ୍ମ**
**ଓ୍ୱେ ଜ୍ୟେଷ୍ଠ ॥୨୯॥**

ଭାଷ୍ୟ - ଯେଉଁମାନଙ୍କୁ ସର୍ବଶ୍ରେଷ୍ଠ ନିଃଶବ୍ଦ ପରମ ପୁରୁଷଙ୍କର ପ୍ରାପ୍ତି ହୋଇଛି ସେହି ବିବେକୀ ସନ୍ଥ ତିନି ଶୂନ୍ୟ, ତିନି ଜ୍ୟୋତି, ତିନି ଶରୀର ଏବଂ ଆକାଶର ପୃଷ୍ଠକୁ ଉତ୍ତମ ଭାବରେ ଜାଣନ୍ତି ।

**ଆତ୍ମ ସମର୍ପଣ ପ୍ରଭୁ କରୋ, ତ୍ୟାଗ**
**ସକଲ ଅଭିମାନ ।**
**ବଲନିଧି ବଲ ପୂରଣ କରେ,**
**ସୁବୁଧି ସୁବୋଧ ସଜ୍ଞାନ ॥୩୦॥**

ଭାଷ୍ୟ - ସମସ୍ତ ପ୍ରକାରର ଅଭିମାନକୁ ଛାଡ଼ି ପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରି ଦିଅନ୍ତୁ । ତଦ୍ୱାରା ସେହି କୃପା ସାଗର ଭକ୍ତବତ୍ସଳ ଭଗବାନ ସବୁ ପ୍ରକାର ବଳ, ଜ୍ଞାନ ଆଉ ପରମ ବିବେକ ନିଜ ଅନନ୍ୟ ଭକ୍ତକୁ ପ୍ରଦାନ କରିଦେବେ । ଆତ୍ମ ସମର୍ପଣ କରିବା ପରେ ହିଁ ଭକ୍ତର ଯୋଗ ଏବଂ କ୍ଷେମ ସ୍ୱୟଂ ପ୍ରଭୁ କରିଥାନ୍ତି ।

**ସକଲ କାମନା ସବ ବନେ,**
**ସକଲ ବୀପଦା ଜାୟ ।**
**ପ୍ରଭୁ ଶରଣାଗତ ଜନ ଭୟା, ଅନ**
**ଇଚ୍ଛିତ ସବ ଆୟ ॥୩୧॥**

ଭାଷ୍ୟ - ଯେତେବେଳେ ଭକ୍ତ ସମସ୍ତ ଅଭିମାନକୁ ତ୍ୟାଗ କରି ପ୍ରଭୁଙ୍କର ଶରଣାଗତ ହୁଏ, ସେତେବେଳେ ତାହାର ସମସ୍ତ କାମନା ପୂର୍ଣ୍ଣ ହୋଇଯାଏ ଏବଂ ସମସ୍ତ ବିପଦ ନାଶ ହୋଇଯାଏ ତଥା ଅନିଚ୍ଛିତ ସମସ୍ତ ଆବଶ୍ୟକ ଭୋଗ୍ୟ ପଦାର୍ଥ ସ୍ୱତଃ ପ୍ରାପ୍ତ ହୋଇଯାଏ । ଏହା ଅନନ୍ୟ ଶରଣ ଭକ୍ତି ଏବଂ ଆତ୍ମ ସମର୍ପଣର ମହାନ୍ ମହତ୍ତ୍ୱ ଅଟେ ।


**ତ୍ରିଦେଓ୍ୱ ତ୍ରିନାକେ ଭେଦ କ୍ୟା,**
**ତ୍ରିପୃଷ୍ଟ ଅରୁ ସନ୍ଧି ।**
**ନାକ ପୃଷ୍ଟ କ୍ୟା ଦୃଶ୍ୟ କା, କହିୟେ**
**ଓ୍ୱିଦ୍ୱନ ରନ୍ଧି ॥୩୨॥**

ଭାଷ୍ୟ - ତିନି ଜ୍ୟୋତି ଆଉ ତିନି ଶୂନ୍ୟଗୁଡ଼ିକର ଭେଦ କ'ଣ ଅଟେ ? ତ୍ରିପୃଷ୍ଟ ଅର୍ଥାତ୍ ତିନି ଶରୀର କ'ଣ ଅଟନ୍ତି ? ଏ ତିନିର ସମ୍ବନ୍ଧ କ'ଣ ? ଆକାଶର ପୃଷ୍ଠଭାଗର ଦୃଶ୍ୟ କ'ଣ ? ହେ ବିଦ୍‌ଵତ୍ତାର ଅଭିମାନରେ ଦଗ୍ଧିଭୂତ ବିଦ୍ୱାନ ! ଏହି ତତ୍ତ୍ୱଜ୍ଞାନକୁ ବତାଇ ଦିଅନ୍ତୁ ।

**ଆତ୍ମ ସମର୍ପଣ କିମି କରେଁ, ଔର**
**କୌନ ଅଧିକାର ।**
**ୟହ ରହସ୍ୟ ବତଲାଇୟେ, ଅନ୍ତର**
**ସରସ ଓ୍ୱିଚାର ॥୩୩॥**

ଭାଷ୍ୟ - ଆତ୍ମ ସମର୍ପଣ କେମିତି ହୋଇଥାଏ, ଏହା କିଏ କରିଥାନ୍ତି ଏବଂ ଏହା କରିବାକୁ କାହାର ଅଧିକାର ରହିଛି ? ଏହି ଅନ୍ତର-ଭେଦ ଗୂଢ଼ ରହସ୍ୟଯୁକ୍ତ ଜ୍ଞାନ ବିଷୟରେ କୁହନ୍ତୁ ।

**ଜୀଓ୍ୱନ୍ମୁକ୍ତ ୟୋଗୀ ଜଗତ,**
**କାମଧେନୁ ଗୁଣ ପାର ।**
**ଓ୍ୱିଶ୍ୱ ରୂପ ଓ୍ୱେ ଧେନୁ ହୈଁ,**
**ସେଓ୍ୱତ ମିଲ ଫଲ ଚାର ॥୩୪॥**




ଭାଷ୍ୟ - ସମସ୍ତ ଗୁଣ ବିଜ୍ଞାନମାନଙ୍କ ସହିତ ଯୁକ୍ତ ଏହି ଜଗତରେ ଜୀବନ୍ମୁକ୍ତ ବିଶ୍ୱରୂପା କାମଧେନୁ ଅଟନ୍ତି, ଯାହାଙ୍କ ଦ୍ୱାରା ସମସ୍ତ ଗୁଣ, ରସ, ଫଳ ପ୍ରାପ୍ତ ହୋଇଥାଏ । ସମାଧିସ୍ଥ ଯୋଗୀଶ୍ୱରଙ୍କ ସକଳ ମନୋରଥ ପୂର୍ଣ୍ଣ କରୁଥିବା ଦିବ୍ୟ ଶକ୍ତି କାମଧେନୁ ଅଟନ୍ତି । ଅତଏବ ସମସ୍ତ ଅଭିମାନକୁ ତ୍ୟାଗ କରି, ବିନମ୍ର ଭାବରେ ତାଙ୍କର ସେବା କରି ଜୀବନର ସମସ୍ତ ମନୋରଥଗୁଡ଼ିକୁ ପୂରଣ କରିବା ଉଚିତ ।

**କହଁ ପୃଥ୍ୱୀ କା ଆଦି ହୈ, କହାଁ**
**ଓ୍ୱାୟୁ କା ଅନ୍ତ ।**
**କହଁ ଅକାଶ କା ମଧ୍ୟ ମେଁ, କହାଁ**
**ମୂଲ ଜଲ ଅନ୍ତ ॥୩୫॥**

ଭାଷ୍ୟ - ପୃଥିବୀର ମୂଳ କେଉଁଠି ଏବଂ ବାୟୁର ଅନ୍ତ କେଉଁଠି ? ଆକାଶର ମଧ୍ୟ ଏବଂ ତାହାର ମୂଳ କେଉଁଠି ତଥା ଜଳର ଶେଷ କେଉଁଠି ? ସମସ୍ତ ଜଗତର ମୂଳ କାରଣ ପରମାଣୁ ଅଟେ ଆଉ ପରମାଣୁର ସଂଯୋଗରୁ କ୍ରମଶଃ ପଞ୍ଚତତ୍ତ୍ୱର ବିକାଶ ହୋଇଛି । କାରଣ-କାର୍ଯ୍ୟ ରୂପରେ ପ୍ରକୃତିର ସମସ୍ତ ପଦାର୍ଥଗୁଡ଼ିକର ନିର୍ମାଣ ହୋଇଛି । ଏକ ପାଦ ସୃଷ୍ଟିରେ ସବୁଠାରୁ ସୂକ୍ଷ୍ମ ପଦାର୍ଥ ପରମାଣୁ ଅଟେ ଏବଂ ସ୍ଥୂଳ ପଦାର୍ଥ ପୃଥିବୀ ଅଟେ । ଏହି ପ୍ରକାର ଏ ସମସ୍ତ କାର୍ଯ୍ୟ-କାରଣର ରୂପ ପ୍ରକୃତି ଏକପାଦରେ ବ୍ୟାପ୍ତ ହୋଇଛି ।

**କହାଁ ଅଗ୍ନି ଆଧାର ହୈ, ସୀମା କହାଁ**
**ଆକାଶ ।**
**ପରମାଣୁ ମଣ୍ଡଲ କହାଁ, କହାଁ ପ୍ରକୃତି**
**ଓ୍ୱିକାଶ ॥୩୬॥**

ଭାଷ୍ୟ - ଅଗ୍ନିର ଆଧାର କେଉଁଠି ଅଛି ? ଆକାଶର ସୀମା କେତେ ଦୂର ପର୍ଯ୍ୟନ୍ତ ରହିଛି ? ପରମାଣୁ ମଣ୍ଡଳ କେଉଁଠି ଏବଂ ପ୍ରକୃତିର ବିକାଶ କେଉଁଠୁ ହୋଇଛି ? ଏ ସମସ୍ତ ଆଧ୍ୟାତ୍ମିକ ପ୍ରଶ୍ନଗୁଡ଼ିକର ଉତ୍ତର ସଦ୍‌ଗୁରୁଙ୍କ ଠାରୁ ନେବା ଉଚିତ ।

**ଅର୍ଧ ଉର୍ଦ୍ଧ୍ୱ ମଧ୍ୟ ଶୂନ୍ୟ କା,**
**ସର୍ଓ୍ୱଶୂନ୍ୟ ମହ ଶୂନ୍ୟ ।**
**ଇନ ମଣ୍ଡଲ ବତଲାଇୟେ, ପରିଧି**
**କୋ ଅରସଠ ଶୂନ୍ୟ ॥୩୭॥**

ଭାଷ୍ୟ - ଅର୍ଧ, ଉର୍ଦ୍ଧ୍ୱ, ମଧ୍ୟ, ସର୍ବ ଏବଂ ମହାଶୂନ୍ୟ - ଏମିତି ପାଞ୍ଚ ପ୍ରକାରର ଶୂନ୍ୟ ଅଛି । ମହାଶୂନ୍ୟରେ ହିଁ ସମସ୍ତ ସୃଷ୍ଟି ନିହିତ ରହିଛି । ସମସ୍ତ ଶୂନ୍ୟର ଆଧାର ମହାଶୂନ୍ୟ ଅଟେ । ସମସ୍ତ ଶୂନ୍ୟ ଏହି ଶରୀରରେ ମଧ୍ୟ ରହିଛି ଏବଂ ଅଡ଼ଷଠି ଶୂନ୍ୟର ବିସ୍ତାର ଅକ୍ଷର ଦ୍ୱାରା ଏହି ଶରୀରରେ ହୋଇଛି । ସବୁର କାରଣ ତଥା ମୂଳ ତତ୍ତ୍ୱ ଅକ୍ଷର ଅଟେ । ସେଥିପାଇଁ ଅଡ଼ଷଠି ଶୂନ୍ୟରେ 'ଅକହ ବିରାଜେ', ଅର୍ଥାତ୍ ଏହି ଅଡ଼ଷଠି ଶୂନ୍ୟ ଅକ୍ଷର ଦ୍ୱାରା ହିଁ ଶରୀର ନିର୍ମିତ ହୋଇଛି । ଏହାର ମଣ୍ଡଳର ଜ୍ଞାନ ସଦ୍‌ଗୁରୁ ଦ୍ୱାରା ଜାଣନ୍ତୁ ଏବଂ ବୋଧପ୍ରାପ୍ତ ହୋଇ ଅକ୍ଷରପାର ନିଃଶବ୍ଦ ପରମ ପୁରୁଷଙ୍କ ଭଜନ କରନ୍ତୁ । ୩୪ ବ୍ୟଞ୍ଜନ, ୧୨ ସ୍ୱର, ୪ ବାଣୀ, ୩ ସଂଯୁକ୍ତାକ୍ଷର, ୧୦ ଅନହଦ, ୫ ଶବ୍ଦ - ଏସବୁକୁ ମିଶେଇଲେ ଅଡ଼ଷଠି ହେବ । ଏସବୁକୁ ସନ୍ଥବାଣୀରେ ଅଡ଼ଷଠି ଶୂନ୍ୟ କୁହାଯାଏ । ଏ ସବୁର ଆଧାର ଅକ୍ଷର ଅଟେ ଏବଂ ଅକ୍ଷର ବିସ୍ତାର ଏ ସମସ୍ତ ନାଦ, ବିନ୍ଦ ଆଉ ଅନହଦ, କ୍ଷର ଏବଂ ସମସ୍ତ ବାକ୍ୟ ସ୍ୱର ଅଟନ୍ତି ।

ପ୍ରଜ୍ଞା ମନ ମଣ୍ଡଳ କୌନ, ଜୀଓ୍ୱ କଓ୍ୱନ ହୈ ଠାମ ।

ଓ୍ୱର ସମାଧି ମଣ୍ଡଳ କହାଁ, ପୁରୁଷ କୌନ ଓ୍ୱହ ଧାମ ॥୩୮॥

ଭାଷ୍ୟ - ବୁଦ୍ଧି ଦୁଇ ପ୍ରକାରର - ପ୍ରାକୃତିକ ଏବଂ ଯୌଗିକ । ବୁଦ୍ଧି ଜଡ଼ ବସ୍ତୁ ଅଟେ । ଏହା ପ୍ରକୃତିରେ ଥିବା ପଦାର୍ଥ ଗୁଡ଼ିକର ନିର୍ଣ୍ଣୟ ଅଥବା ଅନୁସନ୍ଧାନ କରିଥାଏ । ଯୋଗଜନ୍ୟ ବୁଦ୍ଧି ଦ୍ୱାରା ଯେତେବେଳେ ଆତ୍ମାର ବିକାଶ ହୋଇଯାଏ, ସେତେବେଳେ ସେହି ଅନୁଭବ ସିଦ୍ଧ ପଦାର୍ଥଗୁଡ଼ିକର ନିର୍ଣ୍ଣୟ କରିଥାଏ । ଯେତେବେଳେ ଆତ୍ମା ବୁଦ୍ଧି, ମନ ତଥା ପ୍ରାଣର ଅଧୀନରେ ଥିବ ଏବଂ ଏହାର ମଣ୍ଡଳ ଅର୍ଧ ଅଣ୍ଡାକୃତି ଥିବ ସେତେବେଳେ ଆତ୍ମାରେ ପୂର୍ଣ୍ଣ ଜ୍ଞାନ ହୋଇଥାଏ । ଯୋଗଜନ୍ୟ ବୁଦ୍ଧିକୁ 'ଋତୁମ୍ଭରା' କହନ୍ତି । ତାହାର ମଣ୍ଡଳ ମହାବିଦେହ ଅଟେ, ଯାହା ଦ୍ୱାରା ଅନୁଭବୀ ଯୋଗୀମାନେ ପଦାର୍ଥଗୁଡ଼ିକୁ ନିର୍ଣ୍ଣୟ କରି ପ୍ରତ୍ୟକ୍ଷୀକୃତ ତଥ୍ୟଗୁଡ଼ିକର ମୀମାଂସା କରିଥାନ୍ତି । ଜୀବର ଶରୀରରେ ହୃଦୟ ସ୍ଥାନ ଅଟେ ଏବଂ ସମାଧିର ମଣ୍ଡଳ ବିରାଜଧାମ ଅଟେ ଏବଂ ସେହି ପରମପୁରୁଷ ନିଃଶବ୍ଦଙ୍କ ପ୍ରାପ୍ତିର ସ୍ଥାନ ଅଟେ । ଜୀବ ଏକଦେଶୀ ହୋଇଥିବାରୁ ସର୍ବବ୍ୟାପକ ବସ୍ତୁର ମଧ୍ୟ ପ୍ରାରମ୍ଭରେ କେବଳ ଗୋଟିଏ ସ୍ଥାନରେ ଅନୁଭବ କରିଥାଏ ଆଉ ଯେତେବେଳେ ଦୃଢ଼ ସ୍ଥିତି ପ୍ରାପ୍ତ ହୋଇଯାଏ, ସେତେବେଳେ ସର୍ବତ୍ର ବ୍ୟାପକ ସତ୍ତାର ଅନୁଭବ ହୋଇଥାଏ । ଯେଉଁ ପ୍ରକାର ଆକାଶ ସର୍ବତ୍ର ଅବସ୍ଥିତ, ମାତ୍ର ତାହାର ଗୁଣ ଶରୀର ଏକ ସ୍ଥାନ, ଏକ ସ୍ରୋତ ଉପରେ ହିଁ ଶବ୍ଦ ରୂପରେ ପ୍ରକଟ ହୋଇଥାଏ । ସେହି ପ୍ରକାର ପୁରୁଷ ଅଥବା ସମାଧିର ଧାମ ସଦ୍‌ଗ୍ରନ୍ଥମାନଙ୍କରେ କୁହାଯାଇଛି । ଏହା ଅନୁଭବର ବିଷୟ ଅଟେ, ବିବାଦର ନୁହେଁ । ଯୋଗ ସାଧକ ଅନୁଭବ କରି ଏହି ତତ୍ତ୍ୱଗୁଡ଼ିକୁ ଜାଣନ୍ତୁ ଏବଂ ବୁଝନ୍ତୁ ।

ସିମା କଓ୍ୱନ ଏକ ପାଦ କା, ତୀନ ପାଦ କହାଁ ପାର ।

ଦିଓ୍ୱ କା ମଣ୍ଡଳ କୌନ ହୈ, ସ୍ୱଃ କହାଁ ଅମିତ ଅପାର ॥୩୯॥

ଭାଷ୍ୟ - ପରମାନନ୍ଦଙ୍କୁ ତିନି ପାଦ ଅମୃତ କହନ୍ତି । ପରମାଣୁ ଦ୍ୱାରା ଯେଉଁ ପର୍ଯ୍ୟନ୍ତ ସୃଷ୍ଟିର ବିସ୍ତାର ଅଛି, ସେ ପର୍ଯ୍ୟନ୍ତ ଏକ ପାଦର ସୀମା ରହିଛ । ପରମାଣୁ ମଣ୍ଡଳର ନିମ୍ନକୁ ସମସ୍ତ ଲୋକ ଏବଂ ସମସ୍ତ ଲୋକାନ୍ତରର ସୃଷ୍ଟି ଏକ ପାଦ ଜଗତରେ ରହିଛି । ସ୍ୱର୍ଗ ମଣ୍ଡଳ ମହାଶୂନ୍ୟ ଅଟେ, ଯେଉଁଠାରେ ଅକ୍ଷର ପ୍ରକାଶ କରିଥାନ୍ତି ଏବଂ ସମାଧି ଧାମ ସ୍ୱଃର ମଣ୍ଡଳ ଅଟେ ।

କୌନ ହୈ ମଣ୍ଡଳ ଓ୍ୱେଦ କା, ନଭ ଓ୍ୱାଣୀ କହଁ ଧାମ ।

କୌନ ସୁରତି ଭଣ୍ଡାର ହୈ, କଓ୍ୱନ ରୂପ ଓ୍ୱିନ ନାମ ॥୪୦॥

ଭାଷ୍ୟ - ଦଶମ ମଣ୍ଡଳ ବେଦର ଅଟେ, ନଭ ବାଣୀର ଧାମ ଅକ୍ଷର ମଣ୍ଡଳ ଅଟେ । ଅମ୍ବୁ ଦ୍ୱୀପ ସୁରତିର ନିବାସ ଅଟେ, ଯେଉଁଠାରୁ ସେହି ପ୍ରାକୃତ ସମ୍ବନ୍ଧମାନଙ୍କୁ ଛାଡ଼ି ଶୁଦ୍ଧ ରୂପରେ ବାହାରି ନିଜ ପ୍ରଦେଶକୁ ଗମନ କରିଥାଏ । ତାହା ସୁରତି ଭଣ୍ଡାର ଅଟେ, ଯେଉଁଠାରୁ ଯୋଗୀଜନ ପରମପୁରୁଷଙ୍କୁ ସ୍ମରଣ କରିଥାନ୍ତି । ପ୍ରାକୃତ ରୂପରୁ ମୁକ୍ତ ସେହି ନାମଶବ୍ଦ ପରମ ପୁରୁଷ ଅଟନ୍ତି । ଏହି ନାମ, ପ୍ରାକୃତ ନାମ ଆଦିରୁ ଭିନ୍ନ ଅବ୍ୟକ୍ତ, ଅଗୋଚର ଅଟେ ।

ଜାଗ୍ରିତ ଭୂମୀ କଓ୍ୱନ ହୈ, ସ୍ୱପ୍ନ ଭୂମି କହଁ ଜାନ ।

ସୁଷୋପ୍ତି ଭୂମି ଓ୍ୱେ କଓ୍ୱନ ହୈ, ସକଲ ଓ୍ୱିକୃତ ସମାନ ॥୪୧॥

ଭାଷ୍ୟ - ଜାଗ୍ରତ ଅବସ୍ଥା ତାହା ଅଟେ, ଯେଉଁ କାଳରେ ଆତ୍ମା ମନ ସହିତ ଇନ୍ଦ୍ରିୟମାନଙ୍କ ଦ୍ୱାରା ବାହ୍ୟ ଜଗତର ଜ୍ଞାନ ରଖିଥାଏ । ସ୍ୱପ୍ନ ଅବସ୍ଥା ତାହା ଅଟେ, ଯେଉଁ ସମୟରେ ମନ ବାହ୍ୟ ଇନ୍ଦ୍ରିୟମାନଙ୍କର କ୍ରିୟାଗୁଡ଼ିକୁ ଛାଡ଼ି କଣ୍ଠ ସ୍ଥିତ 'ହିତା' ନାମକ ନାଡ଼ିରେ ନିବାସ କରିଥାଏ, ସେତେବେଳେ ବାହ୍ୟ ପ୍ରପଞ୍ଚର ପ୍ରତୀତି ହୁଏ ନାହିଁ । ସୁଷୁପ୍ତି ଅବସ୍ଥା ତାହା ଅଟେ, ଯେତେବେଳେ ମନ ବାହ୍ୟ କର୍ମକୁ ଛାଡ଼ି ଆତ୍ମା ସହିତ ହୃଦୟରେ ସ୍ଥିତ ହୋଇଯାଏ ଆଉ ଘୋର ତମୋଗୁଣରେ ବାହ୍ୟ ଗୁଣ ଢାଙ୍କି ହୋଇଯାଏ । ଆତ୍ମା ସମସ୍ତ କାର୍ଯ୍ୟକୁ ବନ୍ଦକରି ନିଜ ପ୍ରକୃତି ଆଧାରରେ ସ୍ଥିତ ରହିବା ଅବସ୍ଥାକୁ ସୁଷୁପ୍ତି ଅବସ୍ଥା କୁହାଯାଏ । ସୁଷୁପ୍ତିରେ ବାହ୍ୟ ଜ୍ଞାନର ନିତାନ୍ତ ଅଭାବ ହୋଇଯାଏ ଆଉ ଆତ୍ମା ସମସ୍ତ ପ୍ରାକୃତ କାର୍ଯ୍ୟଗୁଡ଼ିକୁ ପରିତ୍ୟାଗ କରି ଶାନ୍ତ ହୋଇଯାଏ । ସୁଷୁପ୍ତି ପ୍ରକୃତିର ଏକ ଅବସ୍ଥା ଅଟେ, ଚେତନ ଆନନ୍ଦର ନୁହେଁ । କେବଳ ପ୍ରାକୃତ କାର୍ଯ୍ୟଗୁଡ଼ିକ ବନ୍ଦ ହୋଇଯିବା ହେତୁ ଏବଂ ମନ ଇନ୍ଦ୍ରିୟ ସହିତ ସମ୍ବନ୍ଧ ନ ରହିବା କାରଣରୁ ଆତ୍ମା ନିଜ ଭିତରେ ସୁଖର ଅନୁଭବ କରିଥାଏ । ସେତେବେଳେ ସମସ୍ତ ଶକ୍ତି ସୁପ୍ତ ରହିଥାନ୍ତି । ସେଥିପାଇଁ ଏହାକୁ ସୁଷୁପ୍ତି ଅବସ୍ଥା କୁହାଯାଏ ।

# ଅଧିକ ପିଆଜଯୁକ୍ତ ଖାଦ୍ୟ କ୍ଷତିକାରକ

**ସା**ଧାରଣତଃ କେତେକ ଖାଦ୍ୟରେ ପିଆଜ ପଡିଲେ ତାହାର ସ୍ୱାଦ ଦ୍ୱିଗୁଣିତ ହୋଇଯାଇଥାଏ । କିଛି ବ୍ୟକ୍ତି ଖାଇବା ସମୟରେ ମଧ ଖାଦ୍ୟ ସହ ପିଆଜ ଖାଇଥାଆନ୍ତି । କିନ୍ତୁ ଏହାର ପରିମାଣ ଆବଶ୍ୟକତା ଠାରୁ ଅଧିକ ହେଲେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏଥି ଯୋଗୁଁ ଦେଖାଯାଉଥିବା ସମସ୍ୟା ମଧରେ ଏସିଡିଟି ଅନ୍ୟତମ । ପିଆଜରେ ଅଧିକ ପରିମାଣରେ ଗ୍ଲୁକୋଜ ଏବଂ ଫ୍ୟାକ୍ଟୋଜ ରହିଛି । ତେଣୁ ଆବଶ୍ୟକ ଠାରୁ ଅଧିକ ପିଆଜ କିମ୍ବା ପିଆଜଯୁକ୍ତ ଖାଦ୍ୟ ଖାଇଲେ ତାହା ଶରୀରରେ ସୁଗାର ପରିମାଣକୁ ବଢ଼ାଇ ଦେଇଥାଏ । ଅପରପକ୍ଷରେ କଞ୍ଚା ପିଆଜ ଅଧିକ ପରିମାଣରେ ଖାଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ । ପିଆଜରେ ଥିବା ପୋଟାସିୟମ ତତ୍ତ୍ୱ ଶରୀରର କାର୍ଡିଓଲିଭର ସିଷ୍ଟମକୁ ଅସନ୍ତୁଳିତ କରିଦିଏ । ଫଳରେ ଛାତି ପୋଡିବା ପରି ସମସ୍ୟା ଦେଖାଦେଇଥାଏ । ଯେହେତୁ ପିଆଜରେ ଭିଟାମିନ୍ ଏବଂ ମିନେରାଲ ଅଂଶ ରହିଛି, ତେଣୁ ଏହା କେତେକାଂଶରେ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ଏଥିରେ ଥିବା ଫାଇବର ତତ୍ତ୍ୱ ଶରୀରରେ ଫାଇବର ମାତ୍ରାକୁ ବଢ଼ାଇ ଦେଇଥାଏ । ଫଳରେ ଅଧିକ ପିଆଜ କିମ୍ବା ପିଆଜଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଅନୁଭୂତ ହୁଏ ।




## ଟିକିଏ ହସନ୍ତୁ

ସ୍ତ୍ରୀ : ଶୁଣୁଛ, ମତେ କହିଲ ପର୍ସନାଲ ସିକ୍ରେଟ, ସିକ୍ରେଟ୍ ଆଉ ଟପ୍ ସିକ୍ରେଟ୍ କ'ଣ ?
ସ୍ୱାମୀ : ତୁ ମତେ ପସନ୍ଦ । ଏଇଟା ପର୍ସନାଲ ସିକ୍ରେଟ୍ । ତୋର ସାଙ୍ଗ ମତେ ପସନ୍ଦ । ଏଇଟା ସିକ୍ରେଟ୍ । ଆଉ ତୋର ସାଙ୍ଗକୁ ବି ମୁଁ ପସନ୍ଦ । ଏଇଟା ଟପ୍ ସିକ୍ରେଟ୍ ।

× × ×

ଲାଲା : ଆରେ ବିଜୁ, ତୋର ମା'ଙ୍କର ସୁନା ଚୁଡି ନେବାକୁ ଆସିଛୁ କି ?
ବିଜୁ : ନା, ଏବେ ମାଉସୀର ସୁନା ଚୁଡ଼ି ବନ୍ଧକ ରଖିବାକୁ ଆସିଛି ।
ଲାଲା : କ'ଣ ହେଲା କି ?
ବିଜୁ : ତାଙ୍କ ପୁଅ ବିନା ହେଲମେଟରେ ଧରା ପଡିଛି ମୋ ପରି ।

× × × ×



ସ୍ୱାମୀ : ତୁମେ ବାପଘରକୁ ଗଲେ ତୁମକୁ କେମିତି ଅନୁଭବ ହୁଏ ?
ସ୍ତ୍ରୀ : ସେଠି ମତେ ୧୬ ବର୍ଷର ଝିଅ ପରି ଫିଲିଙ୍ଗ ଆସେ ।
ସ୍ୱାମୀ : ଆଚ୍ଛା ।
ସ୍ତ୍ରୀ : ଆଉ ତୁମକୁ ୧୬ ବର୍ଷର ଫିଲିଙ୍ଗ୍ କେତେବେଳେ ଆସେ ?
ସ୍ୱାମୀ : ମୋର ବି ସେମ୍ ଟୁ ସେମ୍ । ଯେତେବେଳେ ତୁମେ ବାପଘରକୁ ଯାଅ ।

× × × × × ×

ଜଣେ ରୋଗୀ ବର୍ଷକ ପରେ ଡକ୍ଟରଙ୍କୁ ଫୋନ୍ କଲା ।
ରୋଗୀ : ସାର୍ ଆପଣ ପ୍ରତିଦିନ ୧୦ କି.ମି ଚାଲିବାକୁ କହିଥିଲେ ।
ଡକ୍ଟର : ହଁ କହିଥିଲି ତୁମ ଶରୀର ଭଲ ରହିବା ପାଇଁ ।
ରୋଗୀ : ମୁଁ ଏବେ ଆଫଗାନିସ୍ଥାନ ପହଞ୍ଚି ସାରିଲିଣି । ଏଇଠୁ ବନ୍ଦ କରିବି ନା ଆଗକୁ ଚାଲିବି ?

× × × × × ×

ପୁଅ ଝିଅକୁ : ମୁଁ ତୁମକୁ ଭଲ ପାଏ ।
ଝିଅ : ଯେମିତି ପତଳା ହେଇଛୁ ଗୋଟେ ମାରିଲେ ଯାଇ କଟକରେ ପଡିବୁ ।
କହିଲା କ'ଣ ନା ଭଲ ପାଉଛି ।
ପୁଅ : ସତରେ ! ଟିକେ ଧୀରେ ଧୀରେ ମାରିବ ହେଲା । ମୋର ଟିକେ ନଖରା ଯିବାର ଅଛି ।

× × × × × ×

ବାପା ପୁଅକୁ : ପରୀକ୍ଷାରେ ଫେଲ୍ ହେଲୁ, ଲାଜ ଲାଗୁନି । ଆହୁରି ପୁଣି ହସୁଛୁ ।
ପପୁ : ବାପା ମୁଁ ଏଇ କଥା ଭାବି ହସୁଛି ଯେ, ପରୀକ୍ଷାରେ ମୋ ଖାତାରୁ ସବୁ କପି କରିଥିବା ପିଲାର କ'ଣ ହେଇଥିବ ।

# ଶାଗୁଦାନାର ଉପକାରିତା

ଭାରତରେ ଶାଗୁଦାନା ଟେପିଓକା ଷ୍ଟାର୍ଚରୁ ପ୍ରସ୍ତୁତ କରାଯାଏ । ଏହି ଷ୍ଟାର୍ଚ ପ୍ରସ୍ତୁତ କରିବା ଲାଗି କସାବ ନାମକ କନ୍ଦ ବ୍ୟବହାର ହୁଏ ଯାହା ଏକ ପ୍ରକାର କନ୍ଦମୂଳ ଭଳି । କସାବା ମୂଳତଃ ବ୍ରାଜିଲ ଏବଂ ଆଖପାଖ ଦେଶର ଗଛ । ଭାରତର ତାମିଲନାଡୁ ଅନ୍ତର୍ଗତ ସେଲମ୍ ଜିଲ୍ଲାରେ କସାବା ବେଶୀ ଚାଷ କରାଯାଏ । ଏହି ଅଞ୍ଚଳରେ ମଧ ସର୍ବାଧିକ ଟେପିଓକା ଷ୍ଟାର୍ଚ ପ୍ରୋସେସିଂ ପ୍ଲାଣ୍ଟ ଏବଂ ଶାଗୁ ତିଆରି ପ୍ଲାଣ୍ଟ ରହିଛି । ୧୯୪୦ ଦଶକରେ ମୁଖ୍ୟତଃ କେରଳ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ରାଜ୍ୟରେ ଏହା ଚାଷ ହେବାରେ ଲାଗିଲା । ୧୯୪୩-୪୪ ରେ ତାମିଲନାଡୁର ସେଲମ୍ ଠାରେ ଶାଗୁଦାନା ନିର୍ମାଣ ଆରମ୍ଭ ହେଲା ବୋଲି କୁହାଯାଏ । ସେଲମର ଜନୈକ ମାଛ ବ୍ୟବସାୟୀ ମଣିକ୍କମ ଚେଟ୍ଟିୟାର କେରଳର ବ୍ୟବସାୟୀ ପୋପଟଲାଲ ଶାହଙ୍କ ସହ ମିଶି ଶାଗୁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଶାଗୁଦାନା ପ୍ରସ୍ତୁତ କରିବା ଲାଗି ଟେପିଓକାର ଶସକୁ ବଡ଼ ଟ୍ୟାଙ୍କରେ ପକାଇ ତା' ଉପରେ ଲଗାତର ପାଣି ପକାଯାଏ । ଏହାପରେ ଶସଗୁଡ଼ିକୁ ଚକଟାଯାଏ ଯେଉଁ ପ୍ରକ୍ରିୟା



ପ୍ରାୟ ୪-୬ ମାସ ଯାଏ ବାରମ୍ବାର ଚାଲେ । ଏହାପରେ ମେସିନରେ ଏହି ଶସ ପକାଯାଇ ଶାଗୁଦାନା ପ୍ରସ୍ତୁତ ହୁଏ । ଶାଗୁଦାନାକୁ ଶୁଖାଇବା ପରେ ଏଥିରେ ଗ୍ଲୁକୋଜ୍ ଏବଂ ଷ୍ଟାର୍ଚରୁ ପ୍ରସ୍ତୁତ ଗୁଣ୍ଡ ଦିଆଯାଇ ପଲିସ୍ କରନ୍ତି । ବିଶ୍ୱର ଆଉ କେତେକ ଦେଶରେ ସାଗୋପାମ୍ ନାମକ ଗଛର ମଞ୍ଜରୁ ଶାଗୁ ପ୍ରସ୍ତୁତ କରାଯାଏ ।

ଜ୍ୱର, ପେଟସମସ୍ୟା ଆଦିରେ ତ ଏହାକୁ ପଥ୍ୟ ଭାବେ ବ୍ୟବହାର କରାଯାଏ । ତେବେ ସାଧାରଣ ଖାଦ୍ୟ ଭାବେ ବି ଏହାର ଏକାଧିକ ସ୍ୱାସ୍ଥ୍ୟ ଉପକାରିତା ରହିଛି ।

ଶାଗୁଦାନାରେ ପଟାସିୟମ ଭରପୁର ପରିମାଣରେ ଥିବାରୁ ଏହା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ ଏବଂ ହୃଦରୋଗରୁ ସୁରକ୍ଷା ଦିଏ ।

ଶାଗୁରେ ଥିବା କାର୍ବୋହାଇଡ୍ରେଟସ ଏବଂ ଷ୍ଟାର୍ଚ ସୁସ୍ଥ ଭାବେ ଓଜନ ଲାଭ କରିବାରେ ବି ସହାୟକ । ଏହା ମାଂସପେଶୀକୁ ସଶକ୍ତ କରେ ।

ଶାଗୁଦାନାରେ ଭିଟାମିନ୍ ବି-୬, ଫଲିକ ଏସିଡ୍, କ୍ୟାଲସିୟମ ପରି ବିଭିନ୍ନ ତତ୍ତ୍ୱ ରହିଛି ଯାହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ସୁସ୍ଥ କରେ ।

ଲୌହସାର ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଥିବାରୁ ରକ୍ତ କଣିକାର ପରିମାଣ ବଢ଼ାଏ । ଫଳରେ ଏନିମିଆ ପରିସ୍ଥିତି ଉପୁଜେନାହିଁ । ଗର୍ଭାବସ୍ଥାରେ ଶାଗୁଦାନା ଖାଇଲେ ଶିଶୁଙ୍କ ଠାରେ ନ୍ୟୁରାଲ ଟ୍ୟୁବ୍ ଦୋଷ ରହେନାହିଁ । ସେମାନଙ୍କର ସଠିକ୍ ବିକାଶ ହୁଏ ।

ଏଥିରେ ଡାଏଟାରୀ ଫାଇବର ଥିବାରୁ ହଜମକ୍ରିୟା ଠିକ୍ କରେ ।

କୋଷ୍ଠକାଠିନ୍ୟ, ଫୁଲା, ଅନ୍ତ୍ର ଯନ୍ତ୍ରଣା, କୋଲୋରେକ୍ଟାଲ କ୍ୟାନସର ପରି ସମସ୍ୟାରୁ ମୁକ୍ତି ଦିଏ ।

ନିରାମିଷାଶୀମାନଙ୍କ ପାଇଁ ଏହା ପ୍ରୋଟିନ୍‌ର ଏକ ଭଲ ବିକଳ୍ପ । ଭିଟାମିନ୍ 'କେ, କ୍ୟାଲସିୟମ ଏବଂ ଲୌହର ଏହା ଏକ ସମୃଦ୍ଧ ଉତ୍ସ । ତେଣୁ ଅସ୍ଥି ବିକାଶ ତଥା ସୁଦୃଢ଼ରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶାଗୁ ଖାଇଲେ ବୟସ ବୃଦ୍ଧି କାରଣରୁ ହେଉଥିବା ଅଷ୍ଟିଓପୋରୋସିସ୍, ଅଷ୍ଟିଓଆର୍ଥ୍ରାଇଟିସ୍ ଆଦି ରୋଗରୁ ସୁରକ୍ଷା ମିଳିଥାଏ । ଭିଟାମିନ୍ 'କେ' ମଧ ମାନସିକ ସ୍ୱାସ୍ଥ୍ୟ ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ମସ୍ତିଷ୍କରେ ନ୍ୟୁରୋନାଲ ଗତିବିଧି ବଢ଼ାଇ ଆଲଜିମର ରୋଗର ଆଶଙ୍କା କମାଏ ।

ଏଥିରେ ଥିବା କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ଦେବା ସହିତ ଭୋକିଲା ଅନୁଭବ କରାଏ ନାହିଁ ।

ଓଜନ କମାଇବାକୁ ଚାହୁଁଥିଲେ ଶାଗୁକୁ ଆଦୌ ଖାଦ୍ୟରେ ସାମିଲ କରିବେ ନାହିଁ । କାରଣ ଓଜନ ବଢ଼ାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ଲାଗି ଏହା ଅତ୍ୟନ୍ତ ଉପାଦେୟ ।

# ବ୍ରେକ୍‌ଫାଷ୍ଟ ନ କଲେ ବଢ଼େ ଆଳସ୍ୟତା

ଦିନଚର୍ଯ୍ୟାର ଶୁଭାରମ୍ଭ ହୋଇଥାଏ ବ୍ରେକ୍‌ଫାଷ୍ଟରୁ । କିନ୍ତୁ କେତେକ ବ୍ୟକ୍ତି କାର୍ଯ୍ୟବ୍ୟସ୍ତତା ଯୋଗୁଁ ଠିକ୍ ସମୟରେ ଏପରିକି ଦିନେ ଦିନେ ଆଦୌ ବ୍ରେକ୍‌ଫାଷ୍ଟ କରିପାରନ୍ତି



ନାହିଁ । ନିୟମିତ ବ୍ରେକ୍‌ଫାଷ୍ଟ ନ ଖାଆନ୍ତି, ତେବେ ତାଙ୍କର ଆଳସ୍ୟତା ବଢ଼ିଯାଇଥାଏ । ଏହା ଦ୍ୱାରା ସେ ନିଜ କାମଗୁଡ଼ିକୁ ଠିକ୍ ସମୟରେ ସମ୍ପାଦନ କରିପାରି ନ ଥାନ୍ତି । ଉକ୍ତ ଗବେଷଣା ସହ ସମ୍ପୃକ୍ତ ଆମେରିକୀୟ ଗବେଷକଙ୍କ କହିବା ଅନୁଯାୟୀ, ବ୍ରେକ୍‌ଫାଷ୍ଟ ଠିକ୍ ସମୟରେ କରୁଥିଲେ ତାହା ମସ୍ତିଷ୍କକୁ ଆହୁରି ସକ୍ରିୟ କରାଇଥାଏ । କେବଳ ସେତିକି ନୁହେଁ, ଶରୀରରେ ସୁଗାର ପରିମାଣକୁ ମଧ ସନ୍ତୁଳିତ ରଖିଥାଏ ।

## ଆପଣ ଜାଣନ୍ତି କି ?

- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା ।
- ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ । ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୧୯୪୭ ରେ ଡାକ ଟିକଟ ଜାରି କରାଗଲା ।
- ୧୫ ଅଗଷ୍ଟ,, ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

# କଲରାର ଔଷଧୀୟ ଗୁଣ

ଖାଦ୍ୟ ବିଶେଷଜ୍ଞଙ୍କ ମତରେ, କଲରା ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବିଶେଷ କରି ମଧୁମେହ ରୋଗୀମାନେ ନିୟମିତ ଏହି ପରିବା ଖାଇବା ଭଲ । କଲରା ଖାଇବା ପୂର୍ବରୁ କେତୋଟି ଜାଣିବା କଥା ।



କଲରାକୁ ଚିପ୍ସ ନଚେତ୍ ଚଟଣି ଭାବେ ଖାଇହେବ । ଯେ କୌଣସି ଭାବରେ ଖାଇଲେ ଏହାର ପୋଷକତତ୍ତ୍ୱ କମ୍ ହୁଏ ନାହିଁ ।

କଲରାକୁ ରାନ୍ଧିବା ପୂର୍ବରୁ ଲୁଣ ମିଶା ନଖଉଷୁମ ପାଣିରେ ଏହାକୁ ଭିଜାଇ ରଖି ପରେ ରାନ୍ଧିଲେ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

ଗର୍ଭବତୀମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପରିବା ନ ଖାଇବା ଉଚିତ । ଏହା ଦ୍ୱାରା ଗର୍ଭପାତ ହେବାର ଆଶଙ୍କା ସର୍ବାଧିକ ।

ଯକୃତ ସଂକ୍ରମଣ ରୋଗୀମାନେ କଲରା ନ ଖାଇବା ଭଲ । ଏହା ଖାଇଲେ ସେମାନଙ୍କ ରୋଗ ବୃଦ୍ଧି ହେବାର ସମ୍ଭାବନା ଅଧିକ ବୋଲି ବିଶେଷଜ୍ଞଙ୍କ ମତ ।

ଅର୍ଶରୋଗୀ କଲରା ଖାଇବା ସମ୍ପୂର୍ଣ୍ଣ ବନ୍ଦ କରିବା ହିଁ ସେମାନଙ୍କ ପାଇଁ ଉପକାରୀ । ଯେ କୌଣସି ଅପରେସନ ହେବାର ୧ ମାସ ପର୍ଯ୍ୟନ୍ତ କଲରା ପ୍ରସ୍ତୁତ ବ୍ୟଞ୍ଜନ ନ ଖାଇବା ଭଲ । ଲୋ ସୁଗାର ଅସୁବିଧା ଥିବା ବ୍ୟକ୍ତିମାନେ ଖାଇଲେ ସେମାନଙ୍କ ପ୍ରତି ବିପଦ ବଢ଼ିଥାଏ ବୋଲି ପରୀକ୍ଷାରୁ ପ୍ରକାଶିତ ।

# ଡିପ୍ରେସନରୁ ମୁକ୍ତି ଦେବ କାଜୁବାଦାମ୍

କାଜୁବାଦାମର ଏଭଳି ଅନେକ ଗୁଣ ରହିଛି ଯାହା ବିଷୟରେ ଏକ ପ୍ରତିଶତ ଗବେଷଣା ମଧ ହୋଇ ନଥିବା କୁହାଯାଉଛି । କାଜୁବାଦାମ ଏକ ସମ୍ପୂର୍ଣ୍ଣ ଆହାର । ୫୦ ଗ୍ରାମ୍ କାଜୁବାଦାମରେ ୨୭୫ ଗ୍ରାମ କ୍ୟାଲୋରି ରହିଥାଏ । କେବଳ ସେତିକି ନୁହେଁ ଏଥିରେ ପ୍ରଚୁରମାତ୍ରାରେ ଭିଟାମିନ୍, ମିନରାଲ୍ସ, ତନ୍ତୁ ଓ ଫାଇଟୋକେମିକାଲ୍ସ ରହିଥାଏ ଯାହା କ୍ୟାନସର ଭଳି ରୋଗ ସହିତ ଲଢ଼ିବାର କ୍ଷମତା ରଖିଥାଏ । ଏଥିରେ ଏଭଳି ଫ୍ୟାଟି ଏସିଡ୍ ରହିଛି ଯାହା କ୍ଷତିକାରକ କୋଲେଷ୍ଟ୍ରାଲ (ଏଲଡିଏଲ)କୁ କମାଇ ଭଲ କୋଲେଷ୍ଟ୍ରୋରେଲ (ଏଚଡିଏଲ)କୁ ବୃଦ୍ଧି କରିଥାଏ । ଏହି ସୁସ୍ୱାଦୁ କାଜୁବାଦାମରେ ପଟାସିୟମ୍, ମ୍ୟାଗ୍ନେସିୟମ୍, କପର, ଜିଙ୍କ୍, ସିଲେନିୟମ ଓ ଆଇରନ ରହିଛି । ଏଥିରେ ରହିଥିବା ଭିଟାମିନଗୁଡ଼ିକ ମଧ୍ୟରେ ଭିଟାମିନ୍ ବି-୬, ଭିଟାମିନ୍ ବି-୫, ଥାଇଆମିନ୍ ଭିଟାମିନ୍ ବି-୧୧ ଓ ରାଇବୋଫ୍ଲାଭିନ୍ । ଏଥିରେ ଥିବା



ଟ୍ରାଇପ୍ଟୋଫନ୍ ଡିପ୍ରେସନ ରୋଗ କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଟ୍ରାଇପ୍ଟୋଫନ ଏକ ଗୁରୁତ୍ୱପୂର୍ଣ୍ଣ ଆମିନୋ ଏସିଡ୍ ଯାହା ମାନବ ଶରୀର ପାଇଁ ଜରୁରୀ । କାଜୁବାଦାମରେ ଏହା ପ୍ରଚୁର ମାତ୍ରାରେ ରହିଥାଏ । ଏହି ଆମିନୋ ଏସିଡ୍ ଶିଶୁମାନଙ୍କ ବିକାଶ, ମୁଡ୍ ନିୟନ୍ତ୍ରଣ, ବ୍ୟବହାରକୁ ସନ୍ତୁଳିତ ରଖିବା, ସୁନିଦ୍ରା ଆଣିବା ସହ ଡିପ୍ରେସନ, ଉଦବେଗ ଓ ଚାପ ବହୁ ପରିମାଣରେ କମ୍ କରିଥାଏ । ଦୁଇମୁଠା କାଜୁବାଦାମରେ ୧.୦୦୦ ରୁ ୨.୦୦୦ ମିଲିଗ୍ରାମ ଟ୍ରାଇପ୍ଟୋଫନ୍ ରହିଥାଏ । ଏହା ପ୍ରେସକ୍ରିପସନରେ ଲେଖାଯାଉଥିବା ଯେ କୌଣସି ଆଣ୍ଟି ଡିପ୍ରେସନ ମେଡିସିନ ତୁଳନାରେ ଅଧିକ ସଫଳତାର ସହ ଶରୀରରେ କାମ କରିଥାଏ ।

# କହିପାରିବେ କି ?

(୧) ଭଗବାନଙ୍କ ସହର କାହାକୁ କୁହାଯାଏ ?
(୨) ରାଜାମାନଙ୍କର ଗ୍ରାମ କାହାକୁ କୁହାଯାଏ ?
(୩) ପବିତ୍ର ସହର କହିଲେ ଆମେ କାହାକୁ ବୁଝୁ ?
(୪) ଶଙ୍ଖ କ୍ଷେତ୍ର କହିଲେ ଆମେ କାହାକୁ ବୁଝୁ ?
(୫) ସାଧାରଣତଃ କୋଏନ୍‌ଜାଇମ୍ କ'ଣ ?
(୬) କୋଲେଷ୍ଟେରଲ କ'ଣ ?
(୭) ଇଥାଇଲ ଆଲକୋହଲ ପାଣି ସହ ସମ୍ପୂର୍ଣ୍ଣ ମିଶିଯାଏ । ତେବେ ଏହାକୁ କିପରି ଅଲଗା କରାଯାଇପାରେ ?
(୮) ହ୍ୱାଇଟ୍ ଭିଟ୍ରିଓଲ କ'ଣ ?
(୯) ଶୁଦ୍ଧଜଳର ସ୍ୱାଦ ନ ଥାଏ । ଠିକ୍ ନା ଭୁଲ୍ ?
(୧୦) କମ୍ବସନ୍ ପ୍ରକ୍ରିୟାରେ କ'ଣ ନିର୍ଗତ ହୁଏ ?

## JUMBLE WORDS

| | | | |
|---|---|---|---|
| 1) SRUHC | = | 6) RAYNTO | = |
| 2) UCPLST | = | 7) YETLIV | = |
| 3) PINANK | = | 8) PMEOT | = |
| 4) KCKAN | = | 9) LOYMD | = |
| 5) TOLGA | = | 10) RWLEYA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଜିଙ୍କ, ତମ୍ବା ଓ ନିକେଲ, ୨. ମିଶ୍ରଣ, ୩.ମାଇକା (ଅଭ୍ର), ୪.ସିଲିକନ୍ କାର୍ବାଇଡ୍, ୫.ରୁପା, ୬.କାର୍ବନ ଡାଇଅକ୍ସାଇଡ୍, ୭.ଫ୍ଲିଣ୍ଟ ଗ୍ଲାସ୍, ୮ସ୍ମାଇଲନ, ୯.ତରଳ ପଦାର୍ଥ ସ୍ପେସିଫିକ୍ ଗ୍ରାଭିଟି ମପାଯାଏ, ୧୦.ଆଲକୋହଲ ଥର୍ମୋମିଟର ।

***Jumble Words*** **ର ଉତ୍ତର :-**

(1) CASINO (2) SLEEPY (3) EXCEL (4) PONCHO (5) SCRIPT (6) RIVER (7) SHOWN (8) NATIVE (9) FATHOM (10) PRANK

# ସମ୍ବଲପୁରରେ ଜିଲ୍ଲା ସ୍ତରୀୟ ହିନ୍ଦୀ ଦିବସ ପାଳିତ

ସମ୍ବଲପୁର : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଜିଲ୍ଲା ସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମୁରଲୀଧର ବେହେରା ମୁଖ୍ୟଅତିଥି ଭାବେ, ଜିଏମ୍ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ଡକ୍ଟର ସଦନ କୁମାର ପାଲ ମୁଖ୍ୟବକ୍ତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଧନକଉଡା) ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥୀ ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋରେନ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମ୍ବଲପୁରରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ନୂତନ ଭାବେ ହିନ୍ଦୀ ଶିକ୍ଷକ ସଂଘର ଗଠନ ମଧ ହୋଇଥିଲା । ସନ୍ଦୀପ ସାହୁ ସଭାପତି, ପ୍ରିୟଦିପ୍ତୀ ପଟ୍ଟନାୟକ ଉପ ସଭାପତି, ମହମ୍ମଦ ଜାହିର ସମ୍ପାଦକ, ରଶ୍ମୀରେଖା ଖେତି ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର କୁମାର ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ପ୍ରାରମ୍ଭରେ କମଳା ଖମାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାକୁ ସିକନ୍ଦର ଲାକ୍ରା, ଯୋଗେଶ ପରିଡ଼ା ପରିଚାଳନା କରିଥିଲେ ।

# ଏଲ୍ଏନ୍ କଲେଜ ପକ୍ଷରୁ ମିନି ମାରାଥନ

ଝାରସୁଗୁଡ଼ା : ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ଓ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଯୋଗଦାନକୁ ସ୍ମରଣ ପାଇଁ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ପକ୍ଷରୁ ମିନି ମାରାଥନ ଓ ରାଲି ଆୟୋଜନ କରାଯାଇଥିଲା । ସ୍ଥାନୀୟ ମନମୋହନ ସ୍କୁଲ୍ ପଡ଼ିଆରୁ ବସ୍‌ଷ୍ଟାଣ୍ଡ ଗାନ୍ଧୀ ମୂର୍ତ୍ତି ପର୍ଯ୍ୟନ୍ତ ମାରାଥନ ଓ ବସ୍‌ଷ୍ଟାଣ୍ଡ ଠାରୁ କଲେଜ ପର୍ଯ୍ୟନ୍ତ ରାଲି ଅନୁଷ୍ଠିତ ହୋଇଥିଲା । ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ଉପନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଜୟ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶିଲ କୁମାର ମିଶ୍ର ଓ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କଲେଜର ଜଳ, ସ୍ଥଳ ଓ ଆକାଶ ବାହିନୀର ସମର ଶିକ୍ଷାର୍ଥୀ ଛାତ୍ରଛାତ୍ରୀ, ଜାତୀୟ ସେବା ସଂସ୍ଥା, ଯୁବ ରେଡକ୍ରସର ବିଦ୍ୟାର୍ଥୀ ଓ ଅନ୍ୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ଏନ୍‌ସିସି ଅଫିସର୍ ମାନସ ରଞ୍ଜନ ଆଚାର୍ଯ୍ୟ, ଡ. ମନୀଷ କୁମାର ଦ୍ୱିବେଦୀ, ପୂର୍ବତନ ଖେଳ ଶିକ୍ଷକ ଗଣେଶରାମ ନାୟକ, ଡ. ଦେବୀ ପ୍ରସାଦ ଯାଦବ ବେହେରା, ପୂର୍ଣ୍ଣିମାମୟୀ ଦାଶ, ସୋନାଲି ସାମାରିଆ, ସ୍ୱୀକୃତି ତନୟା ଗିରି, ଡ. ଲାଲଧାରୀ ସିଂ, ଡ. ଦୀପଶିଖା ସୋହେଲା, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ପ୍ରଜ୍ଞା ପରମିତା ପଟେଲ ଓ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଦୟାମଣି ବୃଦ୍ଧାଶ୍ରମରେ ବରିଷ୍ଠ ନାଗରିକ ଦିବସ


ସମ୍ବଲପୁର : ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମରେ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏଥିରେ ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଶ୍ରୀକୃଷ୍ଣ ମାଝୀ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ଓ ଡାକ୍ତର ଲକ୍ଷ୍ମୀ ନାରାୟଣ ରଥ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଲକି ଦୁବେ ଓ ଓମ୍ ପ୍ରଧାନ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ବାବାଜି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଅନ୍ତେବାସୀମାନଙ୍କ ମଧରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଆକାଶବାଣୀ ସମ୍ବଲପୁରରେ ରାଜଭାଷା ପକ୍ଷ




ସମ୍ବଲପୁର : ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରର ଅଭିଯାନ୍ତ୍ରିକ ମୁଖ୍ୟ ରମେଶ ଚନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ମୁଖ୍ୟ ପ୍ରଫେସର ସଦନ କୁମାର ପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନୋଜ ପୂଜାରୀ ଆକାଶବାଣୀ ଦ୍ୱାରା ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମର ପ୍ରସ୍ତୁତି ଏବଂ ପ୍ରସାରଣ କରାଯାଉଛି ବୋଲି ସୂଚନା ଦେଇଥିଲେ । କେନ୍ଦ୍ରର ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ପରିଚାଳନା ଏବଂ ସତ୍ୟରଞ୍ଜନ ପଣ୍ଡା ଓ ଦୀପକ ଓରାମଙ୍କ ସହଯୋଗିତାରେ କରିଥିବା ଏହି ସମାରୋହରେ ପତ୍ରଲିଖନ, ଅନୁବାଦ, ବକ୍ତୃତା ଏବଂ ପ୍ରଶ୍ନୋତ୍ତର ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ ।

# ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀ 'ଦୁର୍ଗା' ଉଦ୍‌ଯାପିତ




ସମ୍ବଲପୁର : ପଶ୍ଚିମ ଓଡିଶାର ମହିଳା ଚିତ୍ରଶିଳ୍ପୀଙ୍କୁ ନେଇ ବନ୍ଦନା ଆର୍ଟ ଓ ଆର୍.କେ ଟ୍ୟୁଟୋରିଆଲ୍ ପକ୍ଷରୁ ଆୟୋଜିତ ହୋଇଥିବା ପ୍ରଥମ ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀ 'ଦୁର୍ଗା' ଉଦ୍‌ଯାପିତ ହୋଇଛି । ଏହି ଅବସରେ ସମାଜସେବୀ ଭାରତୀ ପଣ୍ଡା ମୁଖ୍ୟ ଅତିଥି, ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ବୃନ୍ଦାବନ ଶତପଥୀ ଓ କରୁଣାକର ଶତପଥୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିରେ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରୁ ୨୪ ଜଣ ମହିଳା ଚିତ୍ରଶିଳ୍ପୀଙ୍କ ଚାରୁ ଓ କାରୁ କଳା ସ୍ଥାନ ପାଇଥିଲା । କାର୍ଯ୍ୟକ୍ରମକୁ ଦୁର୍ଗାର ମୁଖ୍ୟ ସଂଚାଳିକା ବନ୍ଦନା ପଣ୍ଡା ସଂଯୋଜନା କରିଥିଲେ । ମୀନାକ୍ଷୀ ପାଣିଗ୍ରାହୀ ଅତିଥି ପରିଚୟ କରିଥିବା ବେଳେ ଶେଷରେ ସୁଜାତା ବେହେରା ଧନ୍ୟବାଦ ଦେଇଥିଲେ ।

# କୋଇଲା ବିଭାଗ ସଚିବଙ୍କ ଏମସିଏଲ ପରିଦର୍ଶନ

ବୁର୍ଲା : କେନ୍ଦ୍ର ସରକାରଙ୍କ କୋଇଲା ସଚିବ ଡକ୍ଟର ଅନିଲ କୁମାର ଜୈନ ଦୁଇ ଦିନିଆ ଏମ୍.ସି.ଏଲ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସାଙ୍ଗକୁ କ୍ଷେତ୍ର ପରିଦର୍ଶନ କରିଥିଲେ । ବୁର୍ଲା ଜାଗୃତି ବିହାର ସ୍ଥିତ ଏମ୍‌ସିଏଲ୍‌ର ମୁଖ୍ୟାଳୟରେ କୋଇଲା ଉତ୍ପାଦନ ଓ ପରିବହନର ସମୀକ୍ଷା କରିଥିଲେ । ସେ ବସୁନ୍ଧରା ଖୋଲାମୁହଁ ଖଣିକୁ ପରିଦର୍ଶନରେ ଯାଇ ସେଠାରେ ମଧ କୋଇଲା ଉତ୍ପାଦନ ଓ ପରିବହନ ଦିଗରେ ସମୀକ୍ଷା କରିବା ସହିତ ତିନିଜଣ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ସାଇକଲ ବଣ୍ଟନ କରିଥିଲେ । ଏହାଛଡ଼ା ସେ ଲଖନପୁରର ତ୍ରିବେଣୀ କ୍ଲବରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଶ୍ରୀ ଜଏନ ତଲାବିରା ଖଣି ମଧ ପରିଦର୍ଶନ କରିଥିଲେ । ସଚିବଙ୍କ ଏହି ଗସ୍ତ ଅବସରରେ ସିଏମ୍‌ଡି ଓ.ପି ସିଂହ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ନିର୍ଦ୍ଦେଶକ ଜେ.କେ. ବୋରା, ସ୍ଥାନୀୟ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଲଖନପୁର ପିଓ ବୀରେନ୍ଦ୍ର କୁମାର ସିଂହଙ୍କ ସମେତ ସମସ୍ତ ଅଧିକାରୀ, ପଦାଧିକାରୀ ଜେବିସିସି ମେମ୍ବର ଉପସ୍ଥିତ ଥିଲେ ।

# ଲେଡିଲୁଇସ୍ ହାଇସ୍କୁଲରେ ଶିକ୍ଷକ ଅଭାବ ନେଇ ଧାରଣା

ସମ୍ବଲପୁର : ସ୍ଥାନୀୟ ଲେଡିଲୁଇସ୍ ଉଚ୍ଚ ବାଳିକା ବିଦ୍ୟାଳୟରେ ଶିକ୍ଷକ ଅଭାବର ପ୍ରତିବାଦ କରି ଅଭିଭାବକ ତଥା ଛାତ୍ରୀମାନେ ସ୍କୁଲ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ । ପରେ ସମ୍ବଲପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆବଶ୍ୟକ ହେଉଥିବା ଶିକ୍ଷକ ପଦବୀ ପୂରଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଏହି ବିଦ୍ୟାଳୟର ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବା ପରେ ଏକା ସାଙ୍ଗେ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା । ଏହା ପରେ ପ୍ରଧାନ ଶିକ୍ଷକଙ୍କୁ ମଧ ବଦଳି କରାଯାଇଥିଲା । ଫଳରେ ସହରର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାହତ ହେବାର ଆଶଙ୍କା କରି ଅଭିଭାବକ ଏବଂ ଛାତ୍ରୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ସେମାନେ ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନ ଯିବାରୁ ଅଭିଭାବକ ଓ ଛାତ୍ରୀମାନେ ଆନ୍ଦୋଳନ କରିଥିଲେ ।

# ସମ୍ବଲପୁରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ



ସମ୍ବଲପୁର : ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରୀୟ ଏହି ପ୍ରତିଯୋଗିତାରେ ସ୍କୁଲ ସ୍ତରରେ ବୁଢ଼ାରଜା ହାଇସ୍କୁଲର ଶୁଭମ ସାହୁ ପ୍ରଥମ, ଡିଏଭି ପବ୍ଲିକ ସ୍କୁଲ ବୁର୍ଲାର ସିଦ୍ଧେଶ ମହାପାତ୍ର ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧନୁପାଲିର ଅଭିଜ୍ଞାନ ହୋତା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେପରି କଲେଜ ସ୍ତରରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଭାରତୀ ମେହେର ପ୍ରଥମ, ବିକାଶ ଜୁନିୟର୍ କଲେଜର ଆୟୁଷ ମିଶ୍ର ଦ୍ୱିତୀୟ ଏବଂ ଡିଏଭି ପବ୍ଲିକ ସ୍କୁଲ ବୁର୍ଲାର ପ୍ରଞ୍ଜଳି ଟୁଡୁ ତୃତୀୟ ସ୍ଥାନ ହାସଲ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟ ଅତିଥିଙ୍କ ମଧରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ (ଉତ୍ତରାଞ୍ଚଳ) ବିଜୟ କୁମାର ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । କୁଇଜ ମାଷ୍ଟର୍ ଭାବେ ପର୍ଯ୍ୟଟନ ବିଭାଗର ଓଏସ୍‌ଡି ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିବ ପ୍ରସାଦ ପାଣିଗ୍ରାହୀ ଏବଂ ଲୁଟନ କିଷାନ ପରିଚାଳନାରେ ସହଯୋଗ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ମୁମ୍ବାଇରେ 'ପଶ୍ଚିମ ଓଡ଼ିଶା ପରିବାର'ର ନୂଆଁଖାଇ ଭେଟ୍‌ଘାଟ୍






ମୁମ୍ବାଇ: 'ପଶ୍ଚିମ ଓଡ଼ିଶା ପରିବାର' ପକ୍ଷରୁ ବୀର ସାବରକର ଅଡିଟୋରିୟମରେ ନୂଆଁଖାଇ-୨୦୨୨ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଆଦିତ୍ୟ ବିର୍ଲା ଗ୍ରୁପର ବରିଷ୍ଠ ଅଧିକାରୀ ଡକ୍ଟର ସନ୍ତୁପ୍ତ ମିଶ୍ର ମୁଖ୍ୟଅତିଥି, ଆୟକର ବିଭାଗ ମୁଖ୍ୟ କମିସନର ଅଭିଜିତ ପତଙ୍ଗଙ୍କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୂରଦର୍ଶନ ତାରକା ଶୁଭାଙ୍ଗି ଅତ୍ରେ (ଭାବିଜୀ ଘର ପେ ହେଁ) ଏବଂ ତନ୍ମୟ ଭେକାରିୟା (ତାରକ ମେହେଟା କା ଉଲଟା ଚଷମା) ଯୋଗଦେଇ ସମ୍ବଲପୁରୀ ଗୀତ ଏବଂ ନାଚ ପରିବେଷଣ କରିଥିଲେ । ଏହି ଅବସରରେ ବର୍ଷୀୟାନ ଚଳଚ୍ଚିତ୍ର ତାରକା ସାଧୁ ମେହେରଙ୍କୁ ପ୍ରଥମ ପଶ୍ଚିମ ଓଡ଼ିଶା ପରିବାର ମୁମ୍ବାଇ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉତ୍ସବରେ ସମ୍ବଲପୁରୀ ପୋଷାକର ଫେସନ ସୋ ଏବଂ ନାଟକ ପରିବେଷଣ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଙ୍କୁ ଓ ସୁସ୍ୱାଦୁ ଖାଦ୍ୟର ଆନନ୍ଦ ନେଇଥିଲେ ଏଥିସହ ଅଞ୍ଚଳର କୃତୀ ସମ୍ମାନିତ କରାଯାଇଥିଲା । କବିତା ସାହାଣୀ ଏବଂ ଦୀପକ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ । ପଶ୍ଚିମ ଓଡ଼ିଶା ପରିବାର ମୁମ୍ବାଇର ପ୍ରତିଷ୍ଠାତା ସଦସ୍ୟ ଶ୍ରୀକାନ୍ତ ଚାଟାର୍ଜୀ ଖଡ଼ିଆଳରୁ ଯାଇ ଏହି ଉତ୍ସବ ଆୟୋଜନରେ ସାମିଲ ହୋଇଥିଲେ । ସମ୍ବଲପୁର କଳା ପରିଷଦର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ 'ଜୁହାର-୨୦୨୨' ସ୍ମରଣୀକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ରଙ୍ଗବତୀ ଗୀତର ତାଳେତାଳେ ସବୁ ସଦସ୍ୟ ସମୂହ ନୃତ୍ୟ ପରିବେଷଣ କରିଥିଲେ । ଶୁଭେନ୍ଦୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।




# ଭୁବନେଶ୍ୱରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ











ଭୁବନେଶ୍ୱର: ଭୁବନେଶ୍ୱରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧରେ ବିଧାୟିକା କୁସୁମ ଟେଟେ, ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ସେହିପରି ସମଲେଇ ସେନା ପକ୍ଷରୁ ଉତ୍କଳ ମଣ୍ଡପ ଠାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ରୋହିତ ପୂଜାରୀ, ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ କୁମାର ସିଂ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ । ଉଭୟ ଉତ୍ସବରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## 'ଜାଗରଣ' ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର: ସାମାଜିକ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜାଗରଣ' ତରଫରୁ ସଭାପତି ସୁଧୀର ରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇ ଯାଇଛି । ଏଥିରେ ବିରୋଧୀ ଦଳ ନେତା ତଥା ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି, କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ଡାକ୍ତର ଗୁଣସାଗର ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉମାଶୀଷ ବାଗ ସମଲେଇ ମାଁଙ୍କ ଗୀତ ଗାନ କରିଥିଲେ । ସଙ୍ଗଠନର ବରିଷ୍ଠ ସଦସ୍ୟା ତୃପ୍ତିମୟୀ ପଣ୍ଡା ସଭା ପରିଚାଳନା କରିଥିଲେ । ଅନନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ




ଡାକ୍ତର ପଞ୍ଚାନନ ନାଏକଙ୍କୁ ସ୍ୱାସ୍ଥ୍ୟ ସମ୍ମାନ, ସେବା କ୍ଷେତ୍ରରେ କୁନା ଟୁପାଜୀଙ୍କୁ ସେବା ସମ୍ମାନ, ଯୁବ ପ୍ରତିଭା ସମ୍ମାନ ଭାବେ ବିଶିଷ୍ଟ ସଂରକ୍ଷକ ଡ. ସତ୍ୟକେତନ ମହାନ୍ତି ଏବଂ ଲେଖିକା ଆୟୁଷି ହୋତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସଙ୍ଗଠନର ସମ୍ପାଦକ କ୍ଷୀତୀଶ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ନୂଆଁଖାଇ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇ ବିଚାରକମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ବରିଷ୍ଠ ପୃଷ୍ଠପୋଷକ ପ୍ରଦୀପ କୁମାର ବହିଦାର, ଡାକ୍ତର ରାଜ କୁମାର ବଡ଼ପଣ୍ଡା, ନରେଶ ବର୍ମା ପ୍ରମୁଖ ପୁରସ୍କୃତ କରିଥିଲେ । ବରିଷ୍ଠ ପରାମର୍ଶଦାତା ରାଜୀବ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡଲି ପାତ୍ର, ମନୀଷା ତାଣ୍ଡୀ, ଦେବରାଜ ପଟେଲ, ଗଣେଶ ପାଲିଓ୍ୱାଲ, ସୁରଜ ଗୁରୁ, ସୌମିକ ବାବୁ, ଚନ୍ଦ୍ରକାନ୍ତ ପାଣିଗ୍ରାହୀ ଏବଂ ଚକ୍ରଧର ମିଶ୍ର ଆୟୋଜନରେ ସହଯୋଗ କରିଥିଲେ ।

# ଏମ୍‌ସିଏଲ୍‌ର ରାଜଭାଷା ପକ୍ଷ କାର୍ଯ୍ୟକ୍ରମ



ସମ୍ବଲପୁର : ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍‌ରେ ରାଜଭାଷା ପକ୍ଷ ପାଳିତ ହୋଇଯାଇଛି । ସିଏମ୍‌ଡି ଶ୍ରୀ ଓମ୍ ପ୍ରକାଶ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନି ଉତ୍ସବରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ମୁଖ୍ୟ ସତର୍କତା ଅଧିକାରୀ, ପ୍ରଣବ କୁମାର ପଟେଲ ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ଭୋରା, ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେହୁରା, ଜାଗୃତି ମହିଳା ମଣ୍ଡଳର ଅଧ୍ୟକ୍ଷା ଶ୍ରୀମତୀ ପଦ୍ମଜା ସିଂ, ଶ୍ରୀମତୀ ସରିତା ପଟେଲ ଏବଂ ଶ୍ରୀମତୀ ରଶ୍ମିତା ବେହୁରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ରାଜଭାଷା ମହାପ୍ରବନ୍ଧକ ଶ୍ରୀ ସୌମେନ ଘୋଷ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଏମ୍.ସି.ଏଲ୍‌ର ଗୃହ ପତ୍ରିକା ରାଜଭାଷା ଦର୍ପଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରସିଦ୍ଧ ହିନ୍ଦୀ କବି ପଦ୍ମଶ୍ରୀ ସୁରେନ୍ଦ୍ର ଶର୍ମା, କୁମାର ବିହେନ୍ଦ୍ର, ଅନୀଳ ଚୌବେ, କୃଷ୍ଣକାନ୍ତ ଅଗ୍ନିହୋତ୍ରୀ, ଜ୍ଞାନରଞ୍ଜନ ହୋତା, ଶ୍ରୀମତୀ ଅନା ଦେହେନବୀ ହାସ୍ୟକବି ମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ



କଟକ : ସ୍ୱାଧୀନତାର ଅମୃତ ମହୋତ୍ସବ ତଥା ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ କଟକ ତେଲେଙ୍ଗା ପେଣ୍ଠ ସ୍ଥିତ ସ୍ୱରାଜ ଆଶ୍ରମରେ ଗାନ୍ଧୀଜୀଙ୍କ ଉପରେ ଏକ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଆରମ୍ଭ ହୋଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ ଏବଂ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନୀ ଏହି ତିନିଦିନିଆ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି ।

## ନଳିନୀକାନ୍ତ ମହାପାତ୍ରଙ୍କ ପରଲୋକ

ସମ୍ବଲପୁର: ପୂର୍ବତନ ଜିଲ୍ଲା ଶିକ୍ଷା ନୀରିକ୍ଷକ ନଳିନୀକାନ୍ତ ମହାପାତ୍ରଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ସେ ତାଙ୍କ ସ୍ତ୍ରୀ, ଏକମାତ୍ର ପୁତ୍ର ସତ୍ୟକାନ୍ତ ଓ ବହୁ ପ୍ରଣତି, ଦୁଇ ଝିଅ ରେଣୁକା ଅଳକାଙ୍କୁ ଛାଡ଼ି ଯାଇଛନ୍ତି । ବରଗଡ ଜିଲ୍ଲା କମଗାଁ ର ମୂଳ ନିବାସୀ ସ୍ୱର୍ଗତ ମହାପାତ୍ର ୧୯୪୧ ମସିହା ରେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା ବିଭାଗରେ ବିତ୍ତ ଏବଂ ପ୍ରଶାସନିକ ଅଧିକାରୀ ଭାବରେ ସେ ସୁନାମ ଅର୍ଜନ କରିଥିଲେ । ୧୯୯୯ ମସିହା ରେ ଜିଲ୍ଲା ଶିକ୍ଷା ନୀରିକ୍ଷକ ଭାବରେ ସେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ସେ ସାନଭାଇ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra